# ଅଧ୍ୟାୟ 4

## ପୁନର୍ଗଠନ ପ୍ରକ୍ରିୟା, ହିତାଧିକାରୀ ଚିହ୍ନଟ ଓ ଅନ୍ତର୍ଭୁକ୍ତିକରଣ

ଡିବିଟି ମୋଡ୍ ମାଧ୍ୟମରେ ବିଭିନ୍ନ ଯୋଜନା ଅଧିନରେ ନିର୍ଭୁଲ୍ ହିତାଧିକାରୀ ଚିହ୍ନଟ ଓ ଅନ୍ତର୍ଭୁକ୍ତିକରଣ ପାଇଁ ବ୍ୟବହାର ହେଉଥିବା ପୁନର୍ଗଠନ ପ୍ରକ୍ରିୟା ସହିତ ଏହି ଅଧ୍ୟାୟ ଜଡ଼ିତ । ସମସ୍ତ ସମ୍ଭାବ୍ୟ ହିତାଧିକାରୀ ମାନଙ୍କ ଚିହ୍ନଟ ଠାରୁ ଆରମ୍ଭ କରି ଅନ୍ତର୍ଭୁକ୍ତିକରଣ ଓ ଦେୟ ସ୍ତର ପର୍ଯ୍ୟନ୍ତ ପ୍ରକ୍ରିୟାକରଣ ପାଇଁ ନିଆଯାଇଥିବା ସମୟକୁ ବିଶ୍ଳେଷଣ କରାଯାଇଥିଲା ଏବଂ ପ୍ରମୁଖ ଅଡିଟ୍ ପର୍ଯ୍ୟବେକ୍ଷଣ ଗୁଡ଼ିକ ଦୃଷ୍ଟିଗୋଚର ହୋଇଥିଲା:

- ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପ୍ରଚାର ପ୍ରସାର କରିବାରେ ବିଫଳତା ଯୋଗୁଁ ଉଦ୍ଦିଷ୍ଟ ହିତାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ଡିବିଟିର ଲକ୍ଷ୍ୟ ସମ୍ପୂର୍ଣ୍ଣରୂପେ ପୂରଣ ହୋଇନଥିଲା ।
- ବୃତ୍ତି ପୋର୍ଟାଲରେ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ଜାରି କରିବା ପୂର୍ବରୁ ଅନୁଷ୍ଠାନ ଗୁଡ଼ିକର ଭୌତିକ ଭିତ୍ତିଭୂମି ଏବଂ ମାନବ ସମ୍ବଳ ଯାଞ୍ଚ ପାଇଁ ଏସ୍ଏସ୍‌ଡି ବିଭାଗ ପ୍ରଣାଳୀ ଜାରି କରି ନଥିଲା । ବିଭାଗ ଏବଂ ଏହାର କ୍ଷେତ୍ରୀୟ ଅଧିକାରୀ ମାନଙ୍କ ଅବହେଳା ଯୋଗୁଁ ଅବସ୍ଥିତି ନଥିବା ଅନୁଷ୍ଠାନଗୁଡ଼ିକରୁ ନକଲି ଛାତ୍ରୀଛାତ୍ରମାନେ 15.57 କୋଟି ଟଙ୍କାର ପିଏମ୍ଏସ୍ ବୃତ୍ତି ପାଇବାକୁ ସକ୍ଷମ ହୋଇଥିଲେ ।
- ଯୋଜନାର ଗଳା ବାଟ ଗୁଡ଼ିକୁ ବନ୍ଦ କରିବା ପାଇଁ ରାଜ୍ୟ ଡିବିଟି ସେଲ୍‌ର ପରାମର୍ଶ ଯଥା ବ୍ୟାଙ୍କ ଖାତା ସଂଯୋଗୀକରଣ ପାଇଁ ଏନ୍‌ପିସିଆଇ ମାନଚିତ୍ରଣ ସହିତ ଏକୀକରଣ, ଯୋଜନା ଗୁଡ଼ିକର କାର୍ଯ୍ୟପ୍ରବାହର ସ୍ୱୟଂ ସଂଚାଳନ ଇତ୍ୟାଦି, ବିଭାଗ ଦ୍ୱାରା ପ୍ରୟୋଗ କରାଯାଇ ନଥିଲା କିମ୍ବା ଅନୁସରଣ ସମୟରେ ରାଜ୍ୟ ଡିବିଟି ସେଲ୍ ଦ୍ୱାରା ନିଶ୍ଚିତ କରାଯାଇନଥିଲା ।
- ପୁନର୍ଗଠନ ପ୍ରକ୍ରିୟାରେ ଅଭାବ ହେତୁ ପ୍ରକ୍ରିୟାକରଣ ଓ ବିତରଣରେ ଅତ୍ୟଧିକ ବିଳମ୍ବ ଫଳରେ ବିତରଣ ପ୍ରକ୍ରିୟାକୁ ସରଳ କରିବା ଏବଂ ଠିକ୍ ସମୟରେ ଲାଭର ବିତରଣକୁ ନିଶ୍ଚିତ କରିବା ଭଳି ଡିବିଟିର ମୂଳ ଲକ୍ଷ୍ୟ ହାସଲ ହୋଇନଥିଲା ।
- ଆବେଦନ ତାରିଖ ଠାରୁ ଆରମ୍ଭ କରି ବୃତ୍ତି ବଣ୍ଟନ ପର୍ଯ୍ୟନ୍ତ ନିଆଯାଇଥିବା ହାରାହାରି ସମୟ ଅଧିକ ରହିଥିଲା । ବିଜ୍ଞାପନ ପ୍ରକାଶ ହେବା ଠାରୁ ଆରମ୍ଭ କରି ଦେୟ ମଞ୍ଜୁର ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଅଯଥା ବିଳମ୍ବ ଦେଖାଯାଇଥିଲା ଯାହାଫଳରେ ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ପିଏମ୍ଏସ୍ ବୃତ୍ତି ଦେୟରେ 252 ଦିନ ଏବଂ ମେଧାବୃତ୍ତି ଦେୟରେ 11 ରୁ 387 ଦିନ ବିଳମ୍ବ ହୋଇଥିଲା ।
- ବିଭିନ୍ନ ଅନୁଷ୍ଠାନର ଅଧକ୍ଷମାନଙ୍କ ଦ୍ୱାରା ବୃତ୍ତି ଆବେଦନ ଗୁଡ଼ିକ ବିଧିମାନ୍ୟ ନ ହେବା କାରଣରୁ ମୋଟ 7.17 କୋଟି ଟଙ୍କାର 13,975 ଟି ମେଧାବୃତ୍ତି ମଞ୍ଜୁରୀ ଏବଂ ଦେୟ ପାଇଁ ବିବେଚିତ ହୋଇନଥିଲା, ଯାହା ଫଳରେ ଡିବିଟିର ଉଦ୍ଦେଶ୍ୟଗୁଡ଼ିକ ହାସଲ କରାଯାଇ ପାରିନଥିଲା ।

## 4.1 ଯୋଜନା ପ୍ରବର୍ତ୍ତନ: ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଏବଂ ମେଧାବୃତ୍ତି

ଡିବିଟିର ଏହି ସମୀକ୍ଷା ମଧରେ ଦୁଇଟି ମୁଖ୍ୟ ବୃତ୍ତି ଯୋଜନା, ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଓ ମେଧାବୃତ୍ତି ଅନ୍ତର୍ଭୁକ୍ତ । ଯୋଗ୍ୟତା ସର୍ତ୍ତ, ଦେୟ ଢାଞ୍ଚା, ଅନ୍ତର୍ଭୁକ୍ତ ପାଠ୍ୟକ୍ରମ, ଇତ୍ୟାଦି ସହିତ ଏହି ଯୋଜନାଗୁଡ଼ିକର ମୁଖ୍ୟ ବୈଶିଷ୍ଟ୍ୟ ଗୁଡ଼ିକ ନିମ୍ନ ଅନୁଚ୍ଛେଦରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଛି ।

### 4.1.1 ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି (ପିଏମ୍ଏସ୍) ଯୋଜନା

ଅନୁସୂଚିତ ଜାତି (ଏସ୍‌ସି), ଅନୁସୂଚିତ ଜନଜାତି (ଏସ୍‌ଟି), ଅନ୍ୟାନ୍ୟ ପଛୁଆ ଶ୍ରେଣୀ (ଓବିସି) ଏବଂ ଆର୍ଥିକ ପଛୁଆ ଶ୍ରେଣୀ (ଇବିସି)ର ଛାତ୍ରୀଛାତ୍ରମାନଙ୍କ ପାଇଁ ପିଏମ୍ଏସ୍ ଯୋଜନା, ମାଟ୍ରିକ୍ ପରବର୍ତ୍ତୀ କିମ୍ବା ମାଧମିକ ପର୍ଯ୍ୟାୟରେ ପଢୁଥିବା ଏସ୍‌ସି/ଏସ୍‌ଟି/ ଓବିସି/ ଛାତ୍ରମାନଙ୍କର ଶିକ୍ଷାଗତ ସଶକ୍ତିକରଣ ପାଇଁ ଭାରତ ସରକାରଙ୍କର ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅଟେ । ଏସ୍‌ସି ଏବଂ ଏସ୍‌ଟି ଛାତ୍ରୀଛାତ୍ରମାନଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଯୋଜନା ଯଥାକ୍ରମେ ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ (ଏମ୍ଓଏସ୍‌ଜେଇ) ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ (ଏମ୍ଓଟିଏ) ଦ୍ୱାରା ଯଥାକ୍ରମେ କାର୍ଯ୍ୟକାରୀ ହୋଉଛି । ପରବର୍ତ୍ତୀ ସମୟରେ ଓବିସି ଏବଂ ଇବିସି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ଯଥାକ୍ରମେ 1998-99 ଏବଂ 2016 ରେ ପିଏମ୍ଏସ୍ ପରିସରକୁ ଅଣାଯାଇଥିଲା ।

ପିଏମ୍ଏସ୍ ଯୋଜନାରେ ଜଡ଼ିତ କାର୍ଯ୍ୟକର୍ତ୍ତାମାନେ ହେଲେ ଉପର ବର୍ଣ୍ଣିତ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକ, ଟ୍ରେଜେରୀ ଓ ପରିଦର୍ଶନ ନିର୍ଦ୍ଦେଶାଳୟ ଓ ରାଜ୍ୟ ଡିବିଟି ସେଲ୍ ଭଳି ରାଜ୍ୟ ସ୍ତରର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ବ୍ୟତୀତ, ରାଜ୍ୟ ସ୍ତରରେ ଏସ୍ଏସ୍‌ଡି ବିଭାଗ, ଜିଲ୍ଲା ସ୍ତରରେ ଜିଲ୍ଲା କଲ୍ୟାଣ ଅଧିକାରୀ ଓ ତୃଣମୂଳ ସ୍ତରରେ ଅନୁଷ୍ଠାନଗୁଡ଼ିକ ମୁଖ୍ୟ କାର୍ଯ୍ୟକର୍ତ୍ତା ଅଟନ୍ତି ।

ଏହି ଯୋଜନାର ଉଦ୍ଦେଶ୍ୟ ହେଉଛି ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ମାଧମରେ ମାଟ୍ରିକ ପରବର୍ତ୍ତୀ / ମାଧମିକ ପାଠ୍ୟକ୍ରମ ଜାରି ରଖିଥିବା ଉପରଲିଖିତ ବର୍ଗର ଛାତ୍ରୀଛାତ୍ରମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା । ପିଏମ୍ଏସ୍ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବ୍ୟବହୃତ ସଫ୍ଟୱେୟାର ହେଉଛି 'ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି, ପଞ୍ଜୀକରଣ, ରିଲିଜ୍ ଏବଂ ନେଟ୍‌ୱାର୍କ ସ୍ୱୟଂସଂଚାଳନ' (ପ୍ରେରଣା) । ଆବେଦନ ଗ୍ରହଣ, ପ୍ରକ୍ରିୟାକରଣ, ମଞ୍ଜୁରୀ ଓ ବିତରଣ ସମ୍ବନ୍ଧୀୟ ପ୍ରକ୍ରିୟାଗୁଡ଼ିକର ପ୍ରଭାବଶାଳୀ ପରିଚାଳନା ପାଇଁ ସଫ୍ଟୱେୟାରଟି ବିକଶିତ କରାଯାଇଛି । ଏହି ସଫ୍ଟୱେୟାର ମାଧମରେ ବୃତ୍ତି ଆବେଦନ ଗୁଡ଼ିକର ଶୀଘ୍ର ଏବଂ ଦକ୍ଷତାର ସହିତ ଫଏସଲା ଏବଂ ବୃତ୍ତିର ସମୟାନୁବର୍ତ୍ତୀ ଦେୟକୁ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରିବାକୁ ଲକ୍ଷ୍ୟ ଥିଲା । ପ୍ରେରଣା ହେଉଛି ଏକ ୱେବ୍ ଆଧାରିତ ସଫ୍ଟୱେୟାର ଯାହାକି ମଧପ୍ରଦେଶର ଭୋପାଳର ଜାତୀୟ ସୂଚନା କେନ୍ଦ୍ର ଦ୍ୱାରା ଡଟ୍‌ନେଟ୍ ଏବଂ ସି ସାର୍ପ ଏବଂ ଏମ୍ଏସ୍‌ଏସ୍‌କ୍ୟୁଏଲ୍ ରେ ବ୍ୟାକ୍‌ଏଣ୍ଡ ବ୍ୟବହାର କରି ବିକଶିତ କରାଯାଇଥିଲା । ଡାଟା ସଂରକ୍ଷଣ ସ୍ଥାନ ଏନ୍ଆଇସି, ଭୋପାଳରେ ଅବସ୍ଥିତ ।

ଯୋଜନାର ବ୍ୟାପକ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନ ସାରଣୀରେ ବର୍ଣ୍ଣିତ ହୋଇଛି :

***ସାରଣୀ 4.1: ମାଟ୍ରିକ ପରବର୍ତ୍ତୀ ବୃତ୍ତିର ବୈଶିଷ୍ଟ୍ୟ ଗୁଡ଼ିକ***

| | |
|---|---|
| ଛାତ୍ରୀଛାତ୍ରଙ୍କ ଯୋଗ୍ୟତା | • ଏସ୍‌ସି/ଏସ୍‌ଟି/ ଓବିସି/ ଇବିସି ସମ୍ପ୍ରଦାୟର ଛାତ୍ର ଏବଂ ଓଡ଼ିଶାର ସ୍ଥାୟୀ ବାସିନ୍ଦା ।<br>• ଏସ୍‌ସି ଏବଂ ଏସ୍‌ଟି: ଯେଉଁ ଛାତ୍ରୀଛାତ୍ରମାଙ୍କର ମାତାପିତା/ ଅଭିଭାବକମାନଙ୍କର ସମସ୍ତ ଉତ୍ସରୁ ବାର୍ଷିକ ଆୟ 2.5 ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ ।<br>• ଓବିସି: ଯେଉଁ ଛାତ୍ରୀଛାତ୍ରମାନଙ୍କର ମାତାପିତା/ ଅଭିଭାବକଙ୍କ ସମସ୍ତ ଉତ୍ସରୁ ବାର୍ଷିକ ଆୟ 1 ଲକ୍ଷ ଟଙ୍କା (ଅଗଷ୍ଟ 2018 ପର୍ଯ୍ୟନ୍ତ), ବାର୍ଷିକ ଆୟ 1.5 ଲକ୍ଷ ଟଙ୍କା (2019-20 ପର୍ଯ୍ୟନ୍ତ) ଏବଂ 2020-21 ଠାରୁ ବାର୍ଷିକ 2.5 ଲକ୍ଷ ଟଙ୍କାରୁ ଅଧିକ ନଥିବ ।<br>• ଓବିସି ଛାତ୍ରୀଛାତ୍ରମାନେ ସେମାନଙ୍କ ପୂର୍ବ ପରୀକ୍ଷାରେ ଅତି କମରେ 50 ପ୍ରତିଶତ ନମ୍ବର ରଖିଥିବେ ।<br>• ଇବିସି: କେବଳ ସରକାରୀ ଅନୁଷ୍ଠାନରେ ଅଧ୍ୟୟନରତ ଛାତ୍ରୀଛାତ୍ରମାନେ, ଯାହାଙ୍କ ମାତାପିତା/ ଅଭିଭାବକଙ୍କର ସମସ୍ତ ଉତ୍ସରୁ ଆୟ ବାର୍ଷିକ 1 ଲକ୍ଷ ଟଙ୍କା ରୁ ଅଧିକ ନୁହେଁ |

| | |
|---|---|
| | (2019-20 ପର୍ଯ୍ୟନ୍ତ) ଏବଂ 2020-21 ଠାରୁ ବାର୍ଷିକ 2.5 ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ। |
| ପାଠ୍ୟକ୍ରମ ଏବଂ ଅନୁଷ୍ଠାନର ଯୋଗ୍ୟତା | ଭାରତର ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନ ଗୁଡ଼ିକରେ ଅନୁସରଣ କରାଯାଉଥିବା ସମସ୍ତ ସ୍ୱୀକୃତିପ୍ରାପ୍ତ ମାଟ୍ରିକ୍ ପରବର୍ତ୍ତୀ କିମ୍ବା ମାଧମିକ ପରବର୍ତ୍ତୀ ପାଠ୍ୟକ୍ରମ[21]। |
| ଛାତ୍ରବୃତ୍ତି ଉପାଦାନ ଗୁଡ଼ିକ | ରକ୍ଷଣାବେକ୍ଷଣ ଭତ୍ତା, ବାଧ୍ୟତାମୂଳକ ଅଣ-ଫେରସ୍ତ ଦେୟ, ଅଧ୍ୟୟନ ପାଇଁ ଯାତ୍ରା ଖର୍ଚ୍ଚ, ଥେସିସ୍ ଟାଇପିଙ୍ଗ୍ ପୁସ୍ତକ ଭତ୍ତା, ପୁସ୍ତକ ବ୍ୟାଙ୍କ ସୁବିଧା, ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପାଇଁ ଅତିରିକ୍ତ ଭତ୍ତା। |
| ଚାରିଟି ବର୍ଗର ପାଠ୍ୟକ୍ରମ ଯାହା ପିଏମ୍ଏସ୍ ଅଧୀନରେ ଅନ୍ତର୍ଭୁକ୍ତ ହେବାକୁ ଯୋଗ୍ୟ | **ବର୍ଗ I ମଧ୍ୟରେ** ସ୍ନାତକ/ ସ୍ନାତକୋତ୍ତର ସ୍ତରୀୟ ବୃତ୍ତିଗତ ପାଠ୍ୟକ୍ରମ, ଯେପରିକି ଇଞ୍ଜିନିୟରିଂ, ଡାକ୍ତରୀ, ବ୍ୟବସାୟ, ଅର୍ଥ ଏବଂ କମ୍ପ୍ୟୁଟର ବିଜ୍ଞାନ ଏବଂ ଉଚ୍ଚ ସ୍ତରୀୟ ବିଶେଷ ପାଠ୍ୟକ୍ରମ ଯଥା, ପିଏଚ୍‌ଡି, ଏମ୍‌ଫିଲ୍, ସିଏ, ଆଇସିଡବ୍ଲୁଏ, ସିଏସ୍, ପିଜିଡିଏମ୍ ଏବଂ ବାଣିଜ୍ୟିକ ପାଇଲଟ୍ ଲାଇସେନ୍ସ ଅନ୍ତର୍ଭୁକ୍ତ। |
| | **ବର୍ଗ II** ରେ ବର୍ଗ I ରେ ଅନ୍ତର୍ଭୁକ୍ତ ହୋଇନଥିବା ସ୍ନାତକ/ ସ୍ନାତକୋତ୍ତର ପାଠ୍ୟକ୍ରମ ଏବଂ ଅନ୍ୟାନ୍ୟ ସମତୁଲ୍ୟ, ବୃତ୍ତିଗତ ଫାର୍ମାସି ଏବଂ ହୋଟେଲ ପରିଚାଳନା ଅନ୍ତର୍ଭୁକ୍ତ। |
| | **ବର୍ଗ III** ଅଧୀନରେ ଅନ୍ୟାନ୍ୟ ସମସ୍ତ ସ୍ନାତକ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ ଯାହା ବର୍ଗ I ଏବଂ II ରେ ଅନ୍ତର୍ଭୁକ୍ତ ହୋଇନାହିଁ, ତାହା ଅନ୍ତର୍ଭୁକ୍ତ। |
| | **ବର୍ଗ IV** ରେ ସମସ୍ତ ମାଟ୍ରିକ୍ ପରବର୍ତ୍ତୀ ଅଣ-ସ୍ନାତକ ପାଠ୍ୟକ୍ରମକୁ ଅନ୍ତର୍ଭୁକ୍ତ କରେ। |

**(*ଉତ୍ସ: ପିଏମ୍ଏସ୍ ମାର୍ଗଦର୍ଶିକା*)**

### 4.1.2 ମେଧାବୃତ୍ତି ଯୋଜନା

ମେଧାବୃତ୍ତି ଏକ ଶତ ପ୍ରତିଶତ ରାଜ୍ୟ ପ୍ରାୟୋଜିତ ଯୋଜନା, ଯାହା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରବର୍ତ୍ତନ କରାଯାଇଥିଲା। ଏହି ଯୋଜନାରେ ଓଡ଼ିଶାର ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

ରାଜ୍ୟ ସ୍ତରରେ ଉଚ୍ଚଶିକ୍ଷା ବିଭାଗ ଏବଂ ତୃଣମୂଳ ସ୍ତରରେ ଅନୁଷ୍ଠାନ ଗୁଡ଼ିକ ହେଉଛନ୍ତି ଏହି ଯୋଜନାର ମୁଖ୍ୟ କାର୍ଯ୍ୟକର୍ତ୍ତା। ଏହା ବ୍ୟତୀତ ଟ୍ରେଜେରୀ ପରିଦର୍ଶନ ନିର୍ଦ୍ଦେଶାଳୟ, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେସନ କେନ୍ଦ୍ର ଏବଂ ରାଜ୍ୟ ଡିବିଟି ସେଲ୍, ରାଜ୍ୟ ସ୍ତରର ଅନ୍ୟ କାର୍ଯ୍ୟକର୍ତ୍ତା ଅଟନ୍ତି।

ଇ-ମେଧାବୃତ୍ତି ସଫ୍ଟୱେୟାର ସିଏସ୍ଏମ୍ ଟେକ୍ନୋଲୋଜି ଦ୍ୱାରା ଡଟ୍ ନେଟ୍ 4.0 ଏବଂ ଏସ୍‌କ୍ୟୁଏଲ୍ ସର୍ଭର 2017 କୁ ବ୍ୟାକ୍‌ଏଣ୍ଡ ଡାଟାବେସ୍ ଭାବରେ ବ୍ୟବହାର କରି ଡାଟା ଷ୍ଟୋରେଜ୍, ସଚିବାଳୟରେ ଆଇଟି କେନ୍ଦ୍ର ସହିତ ମେଧାବୃତ୍ତି ଅଧୀନରେ ବୃତ୍ତି ପ୍ରଦାନ ପାଇଁ ଆବେଦନ ପ୍ରକ୍ରିୟାକରଣର ଉଦ୍ଦେଶ୍ୟ ସହିତ ବିକଶିତ ହୋଇଥିଲା।

ମେଧାବୃତ୍ତି ଯୋଜନାର ବିସ୍ତୃତ ବୈଶିଷ୍ଟ୍ୟ ଗୁଡ଼ିକ ନିମ୍ନ ସାରଣୀରେ ବର୍ଣ୍ଣିତ ହୋଇଛି:

***ସାରଣୀ 4.2: ମେଧାବୃତ୍ତିର ବିସ୍ତୃତ ବୈଶିଷ୍ଟ୍ୟ ଗୁଡ଼ିକ***

| | |
|---|---|
| ଛାତ୍ରୀଛାତ୍ରମାନଙ୍କର ଯୋଗ୍ୟତା | • ଛାତ୍ରୀଛାତ୍ର ନିଶ୍ଚିତ ଭାବରେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହେବା ଆବଶ୍ୟକ।<br>• ଛାତ୍ରୀଛାତ୍ରମାନଙ୍କ ମାତାପିତାଙ୍କ ସମସ୍ତ ଉତ୍ସରୁ ଆୟ ବାର୍ଷିକ 6 ଲକ୍ଷ ଟଙ୍କାରୁ ଅଧିକ ହୋଇ ନଥିବ।<br>• ବିଭିନ୍ନ ବର୍ଗର ପରୀକ୍ଷାରେ ଛାତ୍ରୀଛାତ୍ର ନିଶ୍ଚିତ ଭାବେ 60 ପ୍ରତିଶତ ନମ୍ବର ପାଇଥିବେ:<br>  • ଜୁନିୟର ମେରିଟ୍ (+2 ସ୍ତର) - ବିଏସ୍‌ଇ ଓଡ଼ିଶା/ ସିବିଏସ୍‌ଇ/ ଆଇସିଏସ୍‌ଇ/ ସମତୁଲ୍ୟ ବୋର୍ଡ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଏକ ଅନୁଷ୍ଠାନରୁ ନିଶ୍ଚିତ ଭାବେ 60 ପ୍ରତିଶତ ବା ଅଧିକ ନମ୍ବର ସହିତ ଏଚ୍ଏସ୍‌ସି ପାସ୍ କରିଥିବେ।<br>  • ସିନିୟର ମେରିଟ୍ (+3 ସ୍ତର) - ସିଏଚ୍ଏସ୍‌ଇ ଓଡ଼ିଶାର +2 ପରୀକ୍ଷା ପାସ୍ କରିଥିବେ, |

[21] ବିମାନ ରକ୍ଷଣାବେକ୍ଷଣ ଯାନ୍ତ୍ରିକ ପାଠ୍ୟକ୍ରମ ଓ ବେସରକାରୀ ପାଇଲଟ୍ ଲାଇସେନ୍ସ ପାଠ୍ୟକ୍ରମ; ତାଲିମ ଜାହାଜ-ଡୁଫେରିନ୍ (ବର୍ତ୍ତମାନ ରାଜେନ୍ଦ୍ର) ରେ ପାଠ୍ୟକ୍ରମ; ମିଲିଟାରୀ କଲେଜ ଡେରାଡୁନରେ ପାଠ୍ୟକ୍ରମ; ସର୍ବଭାରତୀୟ ଓ ରାଜ୍ୟ ସ୍ତରୀୟ ପ୍ରାକ୍-ପରୀକ୍ଷା ତାଲିମ କେନ୍ଦ୍ରଗୁଡ଼ିକରେ ପାଠ୍ୟକ୍ରମ ଭଳି ତାଲିମ ପାଠ୍ୟକ୍ରମ ଗୁଡ଼ିକ

ସିବିଏସ୍ଇ/ ଆସିଏସ୍ଇ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏକ ଅନୁଷ୍ଠାନରୁ 60 ପ୍ରତିଶତ କିମ୍ବା ଅଧିକ ନମ୍ବର ସହିତ ଦ୍ୱାଦଶ ଶ୍ରେଣୀ କିମ୍ବା ସମତୁଲ୍ୟ ପରୀକ୍ଷା ପାସ୍ କରିଥିବେ ଏବଂ କୌଣସି ମାନ୍ୟତାପ୍ରାପ୍ତ ମହାବିଦ୍ୟାଳୟ/ ଅନୁଷ୍ଠାନ/ ବିଶ୍ୱବିଦ୍ୟାଳୟରେ ନିୟମିତ ସ୍ନାତକ ପାଠ୍ୟକ୍ରମ ଜାରି ରଖିଥିବେ।

- ସ୍ନାତକୋତ୍ତର (ପିଜି) ମେରିଟ୍- ଏକ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନରୁ 60 ପ୍ରତିଶତ ବା ଅଧିକ ନମ୍ବର ସହିତ +3 ସ୍ନାତକ କିମ୍ବା ସମତୁଲ୍ୟ ପରୀକ୍ଷା ପାସ୍ କରିଥିବେ ଏବଂ କୌଣସି ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ ଅନୁଷ୍ଠାନ/ ବିଶ୍ୱବିଦ୍ୟାଳୟରେ କୌଣସି ଏକ ଶୃଙ୍ଖଳାରେ (ବୃତ୍ତି ଦିଆଯାଇଥିବା କ୍ଷେତ୍ରରେ) ନିୟମିତ ପାଠ୍ୟକ୍ରମ ଜାରି ରଖିଥିବେ।
- ବୈଷୟିକ ଏବଂ ବୃତ୍ତିଗତ ମେରିଟ୍ (ଟିଆଣ୍ଡପି) - ସିଏଚ୍ଏସ୍ଇ/ ସିବିଏସ୍ଇ/ ଆଇସିଏସ୍ଇ ସମତୁଲ୍ୟ ପରୀକ୍ଷା କିମ୍ବା +3 ସ୍ନାତକ/ ସମତୁଲ୍ୟ ତିନି ବର୍ଷର ପାଠ୍ୟକ୍ରମରେ (କେବଳ ଏମ୍ବିଏ/ ଏମ୍ସିଏ/ ଏମ୍ଏଫ୍ସି/ ଏମ୍ଏସ୍ଡବ୍ଲୁ ପାଇଁ) 60 ପ୍ରତିଶତ କିମ୍ବା ଅଧିକ ନମ୍ବର ରଖି ପାସ୍ କରିଥିବେ ଏବଂ ସମ୍ପୃକ୍ତ ନିୟାମକ କର୍ତ୍ତୃପକ୍ଷଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ମହାବିଦ୍ୟାଳୟ/ ଅନୁଷ୍ଠାନରେ ନିୟମିତ ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମ ଜାରି ରଖିଥିବେ । ଛାତ୍ରୀଛାତ୍ରମାନେ ଯୋଗ ଦେବା ବର୍ଷରେ ମେଧାବୃତ୍ତି ପାଇଁ ଆବେଦନ କରିବେ (ପାଠ୍ୟକ୍ରମର ପ୍ରଥମ ବର୍ଷ)

ବୃତ୍ତି ଉପାଦାନ ଗୁଡ଼ିକ: ପାଠ୍ୟସ୍ତର ଉପରେ ଆଧାର କରି ମେଧାବୃତ୍ତି ଚାରିଟି ଉପାଦାନକୁ ନେଇ ଗଠିତ ଯାହାକି ସାରଣୀରେ ବିସ୍ତୃତ ଭାବେ ଦିଆଯାଇଛି


| ବୃତ୍ତି ପ୍ରକାର | ବୃତ୍ତି ସଂଖ୍ୟା | | | | ହିତାଧିକାରୀ ପ୍ରତି ରାଶିର ପରିମାଣ (ଟଙ୍କାରେ) |
|---|---|---|---|---|---|
| | 2017-18 | 2018-19 | 2019-20 | 2020-21 | |
| କନିଷ୍ଠ ଯୋଗ୍ୟତା | 10000 | 10000 | ଶୂନ୍ୟ | ଶୂନ୍ୟ | 3000 |
| ବରିଷ୍ଠ ଯୋଗ୍ୟତା | 3000 | 3000 | 3000 | 6000 | 5000 |
| ପିଜି ଯୋଗ୍ୟତା | 1500 | 1500 | 1500 | 2500 | 10000 |
| ଟି ଆଣ୍ଡ ପି ଯୋଗ୍ୟତା | 10000 | 10000 | 10000 | 6000 | 10000 |

***(ଉତ୍ସ: ମେଧାବୃତ୍ତି ମାର୍ଗଦର୍ଶିକା)***

## 4.2 ପିଏମ୍ଏସ୍ ଯୋଜନାର କାର୍ଯ୍ୟ ପ୍ରବାହ

ଯୋଗ୍ୟ ଏସ୍ଟି/ ଏସ୍ସି, ଓବିସି ଏବଂ ଇବିସି ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ମଞ୍ଜୁର ଏବଂ ବିତରଣ କରିବାକୁ ଏସ୍ଏସ୍ଡି ବିଭାଗ 2011-12 ଠାରୁ ଏକ ଅନ୍ଲାଇନ୍ ଇ-ବୃତ୍ତି ପୋର୍ଟାଲ ଅର୍ଥାତ୍ ମାଟ୍ରିକ ପରବର୍ତ୍ତୀ ବୃତ୍ତି, ପଞ୍ଜିକରଣ, ରିଲିଜ୍ ଏବଂ ନେଟ୍ୱାର୍କ ସ୍ୱୟଂସଂଚାଳନ (ପ୍ରେରଣା) ପ୍ରବର୍ତ୍ତନ କରିଥିଲା, ଯାହାକି ଜାତୀୟ ସୂଚନା କେନ୍ଦ୍ର (ଏନ୍ଆଇସି), ଭୋପାଳ ଦ୍ୱାରା ବିକଶିତ ହୋଇଥିଲା । ରାଜ୍ୟର ବିଭିନ୍ନ ବିଭାଗ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଦିଆଯାଉଥିବା ସମସ୍ତ ପ୍ରକାର ବୃତ୍ତି ଗୋଟିଏ ପ୍ଲାଟଫର୍ମ ମାଧ୍ୟମରେ ପରିଚାଳନା ପାଇଁ, ଓଡ଼ିଶା ରାଜ୍ୟ ବୃତ୍ତି ପୋର୍ଟାଲ (ଓଏସ୍ଏସ୍ପି) 2020-21 ଠାରୁ ଆରମ୍ଭ ହୋଇଥିଲା । ପିଏମ୍ଏସ୍ ର ପ୍ରକ୍ରିୟାକରଣ ପାଇଁ 2020-21 ଠାରୁ ଏସ୍ଏସ୍ଡି ବିଭାଗ ଓଏସ୍ଏସ୍ପିର ଏହି ନୂଆ ପୋର୍ଟାଲକୁ କାର୍ଯ୍ୟକାରୀ କରିଥିଲେ । ପ୍ରେରଣା ଏବଂ ଓଏସ୍ଏସ୍ପିର ପ୍ରକ୍ରିୟା ପ୍ରବାହ ନିମ୍ନରେ ***ଚିତ୍ର 4.1*** ରେ ଦର୍ଶାଯାଇଛି:

***ଚିତ୍ର 4.1: ପ୍ରେରଣା ଏବଂ ଓଏସ୍ଏସ୍‌ପି ର ପ୍ରକ୍ରିୟା ପ୍ରବାହ[22]***




22 ଏସ୍ଏସ୍‌ଡି ବିଭାଗ ଏସ୍‌ସି ଏବଂ ଏସ୍‌ଟି ହିତାଧିକାରୀଙ୍କ ପାଇଁ ଏବଂ ଡିଡବ୍ଲୁଓ, ଓବିସି ଏବଂ ଇବିସି ହିତାଧିକାରମାନଙ୍କ ପାଇଁ ବିଲ୍ ପ୍ରସ୍ତୁତ କରନ୍ତି


## 4.3 ମେଧାବୃତ୍ତି ଯୋଜନାର କାର୍ଯ୍ୟ ପ୍ରବାହ

ରାଜ୍ୟର ଯେଉଁ ମେଧାବୀ ଛାତ୍ରୀଛାତ୍ରମାନଙ୍କର ମାତାପିତାଙ୍କ ଆୟ ବାର୍ଷିକ ଛଅ ଲକ୍ଷ ଟଙ୍କାରୁ ଅଧିକ ହୋଇନଥିବ, ସେମାନଙ୍କୁ ବୃତ୍ତି ଯୋଗାଇବା ପାଇଁ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ଦ୍ୱାରା ମେଧାବୃତ୍ତି ଯୋଜନା ଆରମ୍ଭ କରାଯାଇଥିଲା । ଏହି ବୃତ୍ତି ଯୋଜନାର ପରିଚାଳନା ପାଇଁ ଇ-ମେଧାବୃତ୍ତି ସଫ୍ଟୱେୟାର, ଏକ ବେସରକାରୀ ବିକ୍ରେତା (ମେସର୍ସ ସିଏସ୍ଏମ୍ ଟେକ୍ନୋଲୋଜି) ଦ୍ୱାରା ବିକଶିତ ଓ ପରିକଳ୍ପିତ କରାଯାଇଥିଲା ଏବଂ ଏହା 2016-17 ଠାରୁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ବ୍ୟବହୃତ ହେଉଅଛି ।

ଏହା ବ୍ୟତୀତ, ଓଡ଼ିଶା ସରକାରଙ୍କର ଷ୍ଟୁଡେଣ୍ଟ ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଏସ୍ଏମ୍ଏସ୍) ନାମକ ଏକ ଭିନ୍ନ ଅନ୍‌ଲାଇନ୍ ବ୍ୟବସ୍ଥା ମଧ ରହିଛି, ଯାହା ଉଚ୍ଚ ମାଧ୍ୟମିକ (ଅର୍ଥାତ୍+2) ଏବଂ ସ୍ନାତକ (ୟୁଜି) ସ୍ତରୀୟ ପାଠ୍ୟକ୍ରମରେ ପ୍ରବେଶ ପାଇଁ ବ୍ୟବହୃତ ହେଉଛି । ତେଣୁ +2 ଏବଂ ୟୁଜି ସ୍ତରର ସାଧାରଣ ପାଠ୍ୟକ୍ରମରେ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କ ବିବରଣୀ ଏସ୍ଏମ୍ଏସ୍ ରେ ସହଜରେ ଉପଲବ୍ଧ ହେଉଛି । ଏସ୍ଏମ୍ଏସ୍ ରେ ଉପଲବ୍ଧ ଏହି ଡାଟାବେସ୍, ଇ-ମେଧାବୃତ୍ତି ଆପ୍ଲିକେସନ ସିଷ୍ଟମରେ[23] ମେଧାବୃତ୍ତି ପାଇଁ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଜାଣିବା ପାଇଁ ତଥା ବୃତ୍ତି ପରିଚାଳନା ପଇଁ ବ୍ୟବହୃତ ହେଉଛି । ଇ-ମେଧାବୃତ୍ତି ସଫ୍ଟୱେୟାରର ପ୍ରକ୍ରିୟା ପ୍ରବାହ ଏବଂ ଏସ୍ଏମ୍ଏସ୍ ସହିତ ଏହାର ଇଣ୍ଟରଫେସ୍ ନିମ୍ନ ଚିତ୍ରରେ ଦର୍ଶାଯାଇଛି:


[23] 2020-21 ରୁ ସରକାର, ଓଏସ୍ଏସ୍‌ପି କୁ ଏକ ସାଧାରଣ ବୃତ୍ତି ପୋର୍ଟାଲ ଭାବରେ ବ୍ୟବହାର କରିଥିଲେ

*ଚିତ୍ର 4.2: ଇ-ମେଧାବୃତ୍ତି ପ୍ରକ୍ରିୟା ପ୍ରବାହ*



ଓଏସ୍ଏସ୍‌ପି ହେଉଛି ଏକ ୱେବ୍ ଆଧାରିତ ସଫ୍ଟୱେୟାର, ଯାହା ଆଙ୍ଗୁଲାର 8.3, ପିଏଚ୍‌ପି 7.1 ଏବଂ ପିଏଚ୍‌ପି ଲାରାଭେଲ୍ ସହିତ ମାଇ ଏସ୍‌କ୍ୟୁଏଲ୍ ର ବ୍ୟାକ୍ଏଣ୍ଡ ଟୁଲକୁ ବ୍ୟବହାର କରି ସିଏସ୍ଏମ୍ ଟେକ୍ନୋଲୋଜି ଦ୍ୱାରା ବିକଶିତ ହୋଇଛି । ଓଏସ୍ଏସ୍‌ପି ତଥ୍ୟର ମହଜୁଦ୍ ଅବସ୍ଥିତି ହେଉଛି ଓଡ଼ିଶା ରାଜ୍ୟ ଡାଟା କେନ୍ଦ୍ର । ଓଏସ୍ଏସ୍‌ପିର ଯାନ୍ତ୍ରିକ କାର୍ଯ୍ୟପ୍ରବାହ ନିମ୍ନରେ ଦର୍ଶାଯାଇଛି ।

*ଚିତ୍ର 4.3: ଓଏସ୍ଏସ୍‌ପିର ପ୍ରକ୍ରିୟା ପ୍ରବାହ*




## 4.4 ହିତାଧିକାରୀଙ୍କ ଚିହ୍ନଟ ଏବଂ ଅନ୍ତର୍ଭୁକ୍ତିକରଣ

ପିଏମ୍ଏସ୍ ଏବଂ ମେଧାବୃତ୍ତି ପରି କୌଣସି ଡିବିଟି ଯୋଜନାର ପ୍ରବାବଶାଳୀ କାର୍ଯ୍ୟାନ୍ୱୟନ ପାଇଁ ହିତାଧିକାରୀଙ୍କ ସଠିକ୍ ଚିହ୍ନଟ ଏକ ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡ । ସରକାରୀ ପ୍ରାୟୋଜିତ ବୃତ୍ତି ଯୋଜନା ବିଷୟରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି କରିବା ଏବଂ ଏହିପରି ବୃତ୍ତି ପାଇଁ ଆବେଦନ କରିବା ସମୟରେ ଛାତ୍ରୀଛାତ୍ରମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ ହେଉଛି ଉପଯୁକ୍ତ ଚିହ୍ନଟ ଏବଂ ଯୋଗ୍ୟ ହିତାଧିକାରୀଙ୍କ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତିକରଣ ପାଇଁ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନର ବୃତ୍ତି ଯୋଜନା କ୍ଷେତ୍ରରେ, ଏସ୍‌ସି, ଏସ୍‌ଟି, ଓବିସି ଏବଂ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଆୟ ବର୍ଗ ଭଳି ସମାଜର ବଞ୍ଚିତ ବର୍ଗର ବଞ୍ଚିତ ଛାତ୍ରୀଛାତ୍ରମାନେ ଯୋଗ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।

ନଥିଗୁଡ଼ିକର ପରୀକ୍ଷଣରେ ଅଡିଟ୍ ଉଭୟ କ୍ଷେତ୍ରରେ ନିମ୍ନଲିଖିତ ତ୍ରୁଟିଗୁଡ଼ିକ ଲକ୍ଷ୍ୟ କରିଥିଲେ ।

### *4.4.1 ପିଏମ୍ଏସ୍ ଅଧିନରେ ପର୍ଯ୍ୟାପ୍ତ ଅନ୍ତର୍ଭୁକ୍ତିକରଣ ନହେବା*

ସଠିକ୍ ଲକ୍ଷ୍ୟ ଏବଂ ଯୋଗ୍ୟ ହିତାଧିକାରୀ ଚିହ୍ନଟ, ଡିବିଟି ଅଧିନରେ ସଫଳ ଯୋଜନା କାର୍ଯ୍ୟକାରିତା ପାଇଁ ଅନ୍ୟତମ ପ୍ରାକ୍ ଆବଶ୍ୟକତା । ଏହି ଯୋଜନା ଅଧିନରେ ଯୋଗ୍ୟ ଜନସଂଖ୍ୟାକୁ ଅନ୍ତର୍ଭୁକ୍ତ କରିବା ଏବଂ ଡିବିଟି କାର୍ଯ୍ୟକାରୀ ବିଭାଗରେ ନୋଡାଲ ପ୍ରକୋଷ୍ଠ ଗଠନ ସୁନିଶ୍ଚିତ କରିବା ପାଇଁ ସାମାଜିକ ଅର୍ଥନୈତିକ ଏବଂ ଜାତି

ଜନଗଣନା[24] (ଏସ୍‌ଇସିସି) ଆଧାରିତ ସାମାଜିକ ରେଜିଷ୍ଟ୍ରି ସହିତ ଲିଙ୍କେଜ୍‌ର ଦାୟିତ୍ୱ ରାଜ୍ୟ ଡିବିଟି ସେଲ୍‌କୁ ଦିଆଯାଇଥିଲା ।

2017-21 ମଧ୍ୟରେ, ବର୍ଷ ଅନୁସାରେ ଏବଂ ବର୍ଗ ଅନୁସାରେ ପିଏମ୍‌ଏସ୍ ଅଧିନରେ ଅନ୍ତର୍ଭୁକ୍ତ ହୋଇଥିବା ଛାତ୍ରଛାତ୍ରୀମାନଙ୍କର ସଂଖ୍ୟା ନିମ୍ନ ପ୍ରକାରେ ଅଟେ :

***ସାରଣୀ 4.3: 2017-21 ମଧ୍ୟରେ ପିଏମ୍‌ଏସ୍ ଅଧୀନରେ ହିତାଧିକାରୀ ଅନ୍ତର୍ଭୁକ୍ତିକରଣ ଧାରା***

| ବର୍ଷ | 2017-18 | 2018-19 | 2019-20 | 2020-21 |
|---|---|---|---|---|
| ଏସ୍‌ସି | 1,84,883 | 2,27,412 | 1,66,400 | 1,67,702 |
| ଏସ୍‌ଟି | 1,86,061 | 2,10,866 | 1,68,449 | 1,67,241 |
| ଓବିସି | 1,79,794 | 1,38,030 | 1,14,935 | 1,07,925 |
| ଇବିସି | 97 | 923 | 1,153 | 3,702 |
| ମୋଟ | **5,50,835** | **5,77,231** | **4,50,937** | **4,46,570** |

***(ଉତ୍ସ: ଏସ୍‌ଏସ୍‌ଟି ବିଭାଗ)***

ଉପରୋକ୍ତ ସାରଣୀରୁ ଏହା ଦେଖାଗଲା ଯେ ପିଏମ୍‌ଏସ୍ ଅଧିନରେ ଅନ୍ତର୍ଭୁକ୍ତ ମୋଟ ଛାତ୍ରୀଛାତ୍ର ସଂଖ୍ୟା 2017-18 ରେ 5.51 ଲକ୍ଷ ରୁ 2020-21 ରେ 4.47 ଲକ୍ଷକୁ 19 ପ୍ରତିଶତ ହ୍ରାସ ପାଇଛି । ଇବିସି ବର୍ଗ ବ୍ୟତୀତ, ଅନ୍ୟ ବର୍ଗରେ ହିତାଧିକାରୀ ଅନ୍ତର୍ଭୁକ୍ତିକରଣ 2017-18 ଓ 2020-21 ମଧ୍ୟରେ ହ୍ରାସ ପାଇଥିଲା ।

ସମୀକ୍ଷା ଲକ୍ଷ୍ୟ କଲେ ଯେ ସମସ୍ତ ଯୋଗ୍ୟ ହିତାଧିକାରଙ୍କ ଚିହ୍ନଟ ପାଇଁ ଏସ୍‌ଇସିସି ତଥ୍ୟ ବିଶ୍ଳେଷଣ କରିବାକୁ ଡିବିଟି ସେଲ୍ କିମ୍ବା ଏସ୍‌ଏସ୍‌ଡି ବିଭାଗ ପଦକ୍ଷେପ ଗ୍ରହଣ କରିନଥିଲେ । ଆବେଦନ ମାଧ୍ୟମରେ ଦାଖଲ ହୋଇଥିବା ତଥ୍ୟ, ହିତାଧିକାରୀମାନଙ୍କର ତଥ୍ୟ ସଂଗ୍ରହର ଏକ ମାତ୍ର ଉତ୍ସ ଥିଲା । ଏପରିକି ଏସ୍‌ଏଏମ୍‌ଏସ୍‌ରେ ଉପଲବ୍ଧ ତଥ୍ୟଗୁଡ଼ିକ, ପିଏମଏସ୍ ପାଇଁ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଓ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କର ସଂଖ୍ୟା ସହିତ ତୁଳନା କରିବାରେ ବ୍ୟବହୃତ ହୋଇନଥିଲା ।

ତେଣୁ, ରାଜ୍ୟରେ ଉପଲବ୍ଧ ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କର କୌଣସି ସର୍ବେକ୍ଷଣ କିମ୍ବା ଡାଟାବେସ୍‌ର ଅନୁପସ୍ଥିତିରେ ବିଭାଗ, ପିଏମ୍‌ଏସ୍ ଅଧିନରେ ଯୋଗ୍ୟ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପ୍ରକୃତ ଅନ୍ତର୍ଭୁକ୍ତି ଜାଣିବା ସ୍ଥିତିରେ ନଥିଲା ।

ଉପରୋକ୍ତ ***ଅନୁଚ୍ଛେଦ 4.3*** ରେ ସୂଚିତ କରାଯାଇଥିବା ଅନୁସାରେ ରାଜ୍ୟରେ +2 ପାଠ୍ୟକ୍ରମରେ ପ୍ରବେଶ କରିଥିବା ଛାତ୍ରୀଛାତ୍ରମାନଙ୍କର ବିବରଣୀ ଏସ୍‌ଏଏମ୍‌ଏସ୍‌ରେ ଉପଲବ୍ଧ ଥିଲା । +2 ପାଠ୍ୟକ୍ରମରେ ଭର୍ତ୍ତି ହୋଇଥିବା ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା ଏବଂ 2017-21 ମଧ୍ୟରେ ପିଏମ୍‌ଏସ୍ ପାଇଁ ଆବେଦନ କରିଥିବା ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କର ତୁଳନାତ୍ମକ ଚିତ୍ର ନିମ୍ନ ସାରଣୀରେ ଦର୍ଶାଯାଇଛି :

***ସାରଣୀ 4.4: 2017-21 ଅବଧିରେ ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରବେଶ ଓ ଆବେଦନ***

| ବର୍ଷ | +2 ରେ ପ୍ରବେଶ | | ପିଏମ୍‌ଏସ୍ ପାଇଁ ଆବେଦନ | | ପିଏମ୍‌ଏସ୍ ପାଇଁ ପ୍ରବେଶ କରିଛନ୍ତି କିନ୍ତୁ ଆବେଦନ କରିନାହାନ୍ତି | | ପ୍ରବେଶ କରିଥିବା ଛାତ୍ରଛାତ୍ରୀମାନଙ୍କର ଆବେଦନର ପ୍ରତିଶତ | |
|---|---|---|---|---|---|---|---|---|
| | ଏସ୍‌ସି | ଏସ୍‌ଟି | ଏସ୍‌ସି | ଏସ୍‌ଟି | ଏସ୍‌ସି | ଏସ୍‌ଟି | ଏସ୍‌ସି | ଏସ୍‌ଟି |
| | ***1*** | ***2*** | ***3*** | ***4*** | ***5 (1-3)*** | ***6 (2-4)*** | ***7 (3/1%)*** | ***8 (4/2%)*** |
| 2017-18 | 73,515 | 79,163 | 42,624 | 52,693 | 30,891 | 26,470 | 58 | 67 |
| 2018-19 | 63,990 | 71,756 | 40,751 | 47,212 | 23,239 | 24,544 | 64 | 66 |
| 2019-20 | 56,586 | 65,233 | 31,233 | 39,913 | 25,353 | 25,320 | 55 | 61 |
| 2020-21 | 60,736 | 69,634 | 30,774 | 41,010 | 29,962 | 28,624 | 51 | 59 |
| ମୋଟ | **2,54,827** | **2,85,786** | **1,45,382** | **1,80,828** | **1,09,445** | **1,04,958** | **57** | **63** |

***(ଉତ୍ସ: ସାମ୍‌ସ୍, ପ୍ରେରଣା ଏବଂ ଓଏସ୍‌ଏସ୍‌ପି ତଥ୍ୟାବଳୀରୁ ଆନିତ)***

[24] ଭାରତ ସରକାରଙ୍କ ଗ୍ରାମ୍ୟ ବିକାଶ ମନ୍ତ୍ରଣାଳୟ ସମଗ୍ର ଦେଶରେ ଏକ ବିସ୍ତୃତ ଘରକୁ ଘର ଗଣନା ମାଧ୍ୟମରେ ଦେଶର ପରିବାର ସମ୍ପର୍କିତ ବହୁ ସଂଖ୍ୟକ ସାମାଜିକ, ଅର୍ଥନୈତିକ ସୂଚକଗୁଡ଼ିକ ଉପରେ ସୂଚନା ପ୍ରସ୍ତୁତ କରିବା ପାଇଁ ସାମାଜିକ, ଅର୍ଥନୈତିକ ଓ ଜାତି ଜନଗଣନା (ଏସ୍‌ଇସିସି) ଜୁନ୍ 2011 ରେ ପରିଚାଳନା କରିଥିଲେ

ଅଡିଟ୍ ଲକ୍ଷ୍ୟ କଲେ ଯେ:

- ଅନୁସୂଚିତ ଜାତି ବର୍ଗରେ 2017-21 ମଧ୍ୟରେ +2 ପାଠ୍ୟକ୍ରମରେ ପ୍ରବେଶ କରିଥିବା 2.55 ଲକ୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରୁ କେବଳ 1.45 ଲକ୍ଷ ଛାତ୍ରୀଛାତ୍ର (57 ପ୍ରତିଶତ) ପିଏମ୍ଏସ୍ ପାଇଁ ଆବେଦନ କରିଥିଲେ । 2017-21 ମଧ୍ୟରେ ପିଏମ୍ଏସ୍ ପାଇଁ ଆବେଦନ କରି ଭର୍ତ୍ତି ହୋଇଥିବା ଅନୁସୂଚିତ ଜାତିର ଛାତ୍ରୀଛାତ୍ରମାନଙ୍କର ବର୍ଷଓ୍ୱାରୀ ପ୍ରତିଶତ କେବଳ 51 ରୁ 64 ପ୍ରତିଶତ ମଧ୍ୟରେ ରହିଥିଲା ।
- ଅନୁସୂଚିତ ଜନଜାତି ବର୍ଗ କ୍ଷେତ୍ରରେ, ସମାନ ଅବଧିରେ ପିଏମ୍ଏସ୍ ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା 63 ପ୍ରତିଶତରେ ଅପେକ୍ଷାକୃତ ଅଧିକ ଥିଲା, ଯେହେତୁ +2 ସ୍ତରରେ ପିଏମ୍ଏସ୍ ପାଇଁ ଆବେଦନ କରିଥିବା 2.86 ଲକ୍ଷ ମଧ୍ୟରୁ 1.80 ଲକ୍ଷ ଛାତ୍ରୀଛାତ୍ର ଭର୍ତ୍ତି ହୋଇଥିଲେ । ସେହିପରି ଭାବରେ 2017-21 ଅବଧିରେ ପିଏମ୍ଏସ୍ ପାଇଁ ଆବେଦନ କରିଥିବା ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ର ମାନଙ୍କର ବାର୍ଷିକ ହାର 59 ରୁ 67 ପ୍ରତିଶତ ମଧ୍ୟରେ ରହିଥିଲା ।
- ପିଏମ୍ଏସ୍ ପାଇଁ ଆବେଦନ କରିଥିବା ଅନୁସୂଚିତ ଜାତି ବର୍ଗର ଛାତ୍ରୀଛାତ୍ର ମାନଙ୍କର ପଞ୍ଜିକରଣ ଧାରା 2018-19 ଠାରୁ ହ୍ରାସ ପାଇଥିଲା । ଭର୍ତ୍ତି ହୋଇଥିବା ଏସ୍‌ସି ବର୍ଗର ଛାତ୍ରୀଛାତ୍ରଙ୍କର 58 ପ୍ରତିଶତ 2017-18 ବର୍ଷରେ ପିଏମ୍ଏସ୍ ପାଇଁ ଆବେଦନ କରିଥିବା ବେଳେ, ତାହା 2020-21 ବର୍ଷରେ 51 ପ୍ରତିଶତକୁ ହ୍ରାସ ପାଇଥିଲା । ସେହିପରି ପିଏମ୍ଏସ୍ ପାଇଁ ଆବେଦନ କରିଥିବା ଏସ୍‌ଟି ଛାତ୍ରୀଛାତ୍ରଙ୍କ ହାର 2017-18 ରେ 67 ପ୍ରତିଶତ ରୁ 2020-21 ରେ 59 ପ୍ରତିଶତକୁ ହ୍ରାସ ପାଇଥିଲା ।

ସମୀକ୍ଷା ଲକ୍ଷ୍ୟ କଲେ ଯେ ଏସ୍ଇସିସିରେ ଉପଲବ୍ଧ ତଥ୍ୟ କିମ୍ବା ସର୍ବେକ୍ଷଣ କିମ୍ବା ଏସ୍ଏମ୍ଏସ୍ ଡାଟାବେସ୍‌ରେ ଉପଲବ୍ଧ ଅନୁସୂଚିତ ଜାତି ଏବଂ ଅନୁସୂବଚିତ ଜନଜାତି ଛାତ୍ରୀଛାତ୍ରମାନଙ୍କର ଯୋଗ୍ୟ ସଂଖ୍ୟା ଚିହ୍ନଟ କରିବାକୁ ଏବଂ ସମସ୍ତ ଯୋଗ୍ୟ ଛାତ୍ରୀଛାତ୍ରମାନେ ପିଏମ୍ଏସ୍ ଅଧିନରେ ଅନ୍ତର୍ଭୁକ୍ତ ହେଲେ କି ନାହିଁ ନିଶ୍ଚିତ କରିବାକୁ ଏସ୍ଏସ୍‌ଡି ବିଭାଗ ଦ୍ୱାରା କୌଣସି ଉଦ୍ୟମ କରାଯାଇ ନଥିଲା (ମାର୍ଚ୍ଚ 2021) ।

ଏସ୍ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ମାର୍ଚ୍ଚ 2021) ଯେ, 2019-20 ରୁ ବୃତ୍ତି ଆବେଦନ ଦାଖଲ ପାଇଁ ଆଧାରର ବାଧ୍ୟତାମୂଳକ ବ୍ୟବହାର ହେତୁ ଅନ୍ତର୍ଭୁକ୍ତିକରଣ ହ୍ରାସ ପାଇଥିଲା । ବିଭାଗ ଦ୍ୱାରା ଦର୍ଶାଯାଇଥିବା କାରଣ ଯୁକ୍ତିଯୁକ୍ତ ନଥିଲା, କାରଣ +2 ସ୍ତରରେ ଛାତ୍ରୀ ଛାତ୍ରମାନଙ୍କ ପିଏମ୍ଏସ୍ ପାଇଁ ଆବେଦନ ସଂଖ୍ୟାରେ ହ୍ରାସ 2018-19 ରୁ ଆରମ୍ଭ ହୋଇଥିଲା, ଯାହାକି ଆଧାର ନିୟମ ଲାଗୁ ହେବାର ବହୁତ ପୂର୍ବରୁ ଥିଲା । ଅଧିକନ୍ତୁ, ଯଦିଓ ଆମେ ପିଏମ୍ଏସ୍‌ରେ ଅନ୍ତର୍ଭୁକ୍ତିକରଣ ହ୍ରାସର କାରଣ ଭାବରେ ଆଧାର ବାଧତାମୂଳକ ହେବାକୁ ଦର୍ଶାଯାଏ, ଏହା ସମାନ୍ତରାଳ ଭାବରେ ବିଭାଗ ତରଫରୁ ପ୍ରସ୍ତୁତି ପ୍ରଣାଳୀ ବିଶେଷ କରି, ଡିବିଟିର ସଫଳ ରୂପାୟନ ପାଇଁ ଉଦ୍ଦିଷ୍ଟ ଧାର୍ଯ୍ୟ ହିତାଧିକାରୀଙ୍କୁ ଆଧାରରେ ନାମ ଲେଖାଇବାକୁ ଉତ୍ସାହିତ କରିବା ପାଇଁ ପଦକ୍ଷେପ ଗ୍ରହଣର ଅଭାବକୁ ଦର୍ଶାଏ :

***ସୁପାରିଶ 4.1:***
***ପିଏମ୍ଏସ୍ ପାଇଁ ସମ୍ଭାବ୍ୟ ଯୋଗ୍ୟ ପ୍ରାର୍ଥୀଙ୍କ ସଂଖ୍ୟା ଆକଳନ ଓ ଆବେଦନକାରୀଙ୍କ ସଂଖ୍ୟା ସହ ତାହାର ତୁଳନା କରି ପିଏମ୍ଏସ୍ ପାଇଁ ଆବେଦନ କରି ନଥିବା ପ୍ରାର୍ଥୀଙ୍କ ଚିହ୍ନଟ ପାଇଁ ଏସ୍ଏସ୍‌ଡି ବିଭାଗ ଆବଶ୍ୟକ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ଉଚିତ୍ । ସୁବିଧାରୁ ବଞ୍ଚିତ ଛାତ୍ରୀଛାତ୍ରମାନଙ୍କୁ ପିଏମ୍ଏସ୍ ପାଇବାରେ ସହାୟତା ପ୍ରଦାନ ପାଇଁ ସେମାନଙ୍କ ନିକଟରେ ପହଞ୍ଚିବାରେ ପ୍ରୟାସ କରାଯିବା ଉଚିତ୍ ।***

### *4.4.2 ମେଧାବୃତ୍ତି ପାଇଁ ସମଗ୍ର ଯୋଗ୍ୟ ହିତାଧିକାରୀମାନଙ୍କର ଅନ୍ତର୍ଭୁକ୍ତିକରଣ ପାଇଁ ଉପଯୁକ୍ତ ପଦକ୍ଷେପର ଅଭାବ*

ଉଚ୍ଚଶିକ୍ଷା ବିଭାଗ (ଏଚ୍ଇଡି), ଜୁନିୟର ମେରିଟ୍, ସିନିୟର ମେରିଟ୍, ପିଜି ମେରିଟ୍ ଏବଂ ଟିଆଣ୍ଡପି ମେରିଟ୍ ଭଳି ଚାରଟି ବିଭିନ୍ନ ବର୍ଗର ବିଭିନ୍ନ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ମେଧାବୃତ୍ତି ପ୍ରଦାନ କରିଥିଲା, ବିଭିନ୍ନ ବର୍ଗ

ଅଧିନରେ ବୃତ୍ତି ଦିଆଯିବାକୁ ଥିବା ନୂଆ ଛାତ୍ରୀଛାତ୍ର (ନୂତନ ଭାବରେ ଭର୍ତ୍ତି ହୋଇଥିବା) ମାନଙ୍କ ସଂଖ୍ୟା ବାର୍ଷିକ ଭିତ୍ତିରେ ସ୍ଥିରୀକୃତ ହୋଇଥାଏ । ଯେଉଁ ଛାତ୍ରୀଛାତ୍ର ଗୋଟିଏ ବୃତ୍ତି ଅଧିନରେ ଥରେ ଅନ୍ତର୍ଭୁକ୍ତ ହୋଇଥାନ୍ତି, ସେ ପରବର୍ତ୍ତୀ ବର୍ଷଗୁଡ଼ିକରେ ସେହି ବୃତ୍ତି ପାଇଁ ହକ୍‌ଦାର ହୋଇଥାନ୍ତି (ନବୀକରଣ), ଯଦି ସେ ଉକ୍ତ ପାଠ୍ୟକ୍ରମ ଜାରି ରଖନ୍ତି । ତେଣୁ, ବୃତ୍ତିର ନବୀକରଣ ପାଇଁ କୌଣସି ଲକ୍ଷ୍ୟ ଧାର୍ଯ୍ୟ ହୋଇନଥାଏ ।

ମେଧାବୃତ୍ତିର ପ୍ରତ୍ୟେକ ଉପାଦାନ ଅଧିନରେ ଉଭୟ ନୂତନ ଓ ନବୀକରଣ ବର୍ଗରେ 2017-20 ଅବଧିରେ ଅନ୍ତର୍ଭୁକ୍ତ ହେବାକୁ ଥିବା ଓ ପ୍ରକୃତ ଅନ୍ତର୍ଭୁକ୍ତିର ବର୍ଷଓ୍ୱାରୀ ଛାତ୍ରୀଛାତ୍ର ସଂଖ୍ୟା ନିମ୍ନ ସାରଣୀରେ ଦର୍ଶାଯାଇଛି । ଜୁନିୟର ମେରିଟ୍ ବୃତ୍ତି ପ୍ରଦାନ 2019-20 ଠାରୁ ବନ୍ଦ ହୋଇଥିଲା । 2020-21 କ୍ଷେତ୍ରରେ, ଯଦିଓ ଏଚ୍ଇଡି, ପ୍ରଦାନ କରାଯିବାକୁ ଥିବା ବୃତ୍ତିର[25] ସଂଖ୍ୟା ସ୍ଥିର କରିସାରିଥିଲା, ଏପ୍ରିଲ 2021 ରେ କୌଣସି ଦରଖାସ୍ତ ଆମନ୍ତ୍ରଣ କରାଯାଇନଥିଲା ଏବଂ ଡିସେମ୍ବର 2021 ସୁଦ୍ଧା କୌଣସି ଦେୟ ପ୍ରଦାନ କରାଯାଇ ନଥିଲା । ତେଣୁ, 2020-21 ବର୍ଷ ସମ୍ବନ୍ଧୀୟ କାରବାରର ବିଶ୍ଳେଷଣ ସମୀକ୍ଷାରେ କରାଯାଇପାରିନଥିଲା ।

***ସାରଣୀ 4.5: ମେଧାବୃତ୍ତି ଅଧିନରେ ବର୍ଷଓ୍ୱାରୀ ଧାର୍ଯ୍ୟ ଲକ୍ଷ୍ୟ ଏବଂ ଅନ୍ତର୍ଭୁକ୍ତି***

| ବର୍ଷ | ବିଷୟ | ଜୁନିୟର ମେରିଟ୍ | ସିନିୟର ମେରିଟ୍ | ପିଜି ମେରିଟ୍ | ଟିଆଣ୍ଡପି ମେରିଟ୍ |
|---|---|---|---|---|---|
| 2017-18 | ***ଲକ୍ଷ୍ୟ*** | ***10,000*** | ***3,000*** | ***1,500*** | ***10000*** |
| | *ନୂତନ* | *3,065* | *2,877* | *64* | *141* |
| | ନବୀକରଣ | 7,832 | 7,830 | 1,693 | 11,646 |
| 2018-19 | ***ଲକ୍ଷ୍ୟ*** | ***10,000*** | ***3,000*** | ***1,500*** | ***10,000*** |
| | *ନୂତନ* | *9,987* | *2,998* | *1,500* | *2,018* |
| | ନବୀକରଣ | 1,986 | 1,044 | 47 | 6,122 |
| 2019-20 | ***ଲକ୍ଷ୍ୟ*** | ***ବନ୍ଦ*** | ***3,000*** | ***1,500*** | ***10,000*** |
| | *ନୂତନ* | *0* | *3,000* | *1,500* | *1,783* |
| | ନବୀକରଣ | 5,577 | 10,208 | 2,583 | 4,983 |
| ମୋଟ | **ଲକ୍ଷ୍ୟ** | 20,000 | 9,000 | 4,500 | 30,000 |
| | **ନୂତନ** | 13,052 | 8,875 | 3,064 | 3,942 |
| | **ନବୀକରଣ** | 15,395 | 19,082 | 4,323 | 22,751 |
| ***ସଫଳତାର ପ୍ରତିଶତ ( ନୂତନ: ଲକ୍ଷ୍ୟ)*** | | ***65*** | ***99*** | ***68*** | ***13*** |

***(ଉତ୍ସ: ଏଚ୍ଇଡି ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ସମୀକ୍ଷା ଏହା ଦେଖିଲା ଯେ ସିନିୟର ମେରିଟ୍ ବୃତ୍ତି ଅନ୍ତର୍ଗତ ଅନ୍ତର୍ଭୁକ୍ତି 2016-19 ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଥିଲା ବେଳେ ଅବଶିଷ୍ଟ ତିନିଟି ବୃତ୍ତି ବର୍ଗରେ ଅନ୍ତର୍ଭୁକ୍ତି ହାର କେବଳ 13 (ଟିଆଣ୍ଡପି ମେରିଟ୍) ରୁ 68 (ପିଜି ମେରିଟ୍) ମଧ୍ୟରେ ରହିଥିଲା । ଏହିପରି ହ୍ରାସର କାରଣ ଗୁଡ଼ିକ ବିଭାଗ ଦ୍ୱାରା ବିଶ୍ଳେଷଣ କରାଯାଇ ନଥିଲା । ସଂପୃକ୍ତ ଅନୁଷ୍ଠାନଗୁଡ଼ିକର ଅଧକ୍ଷଙ୍କ ଦ୍ୱାରା ଆବେଦନ ଗୁଡ଼ିକର ଅଣ ବୈଧିକରଣ ଏବଂ ଯାଞ୍ଚରେ ବିଳମ୍ବ, ବୃତ୍ତି ପାଇଁ ଆବେଦନ କରିବାକୁ ଛାତ୍ରୀଛାତ୍ରମାନଙ୍କୁ ନିରୁତ୍ସାହିତ କରିବା, ଅନ୍ତର୍ଭୁକ୍ତି ଏହି ହ୍ରାସର କିଛି କାରଣ ହୋଇପାରେ, ଯାହାକି ***ଅନୁଚ୍ଛେଦ 4.6.1*** ଏବଂ ***4.6.2*** ରେ ଯଥାକ୍ରମେ ଆଲୋଚନା କରାଯାଇଛି ।

ଉତ୍ତରରେ, ଉଚ୍ଚଶିକ୍ଷା ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ ସେମାନେ ଅନୁଷ୍ଠାନ ସ୍ତରରେ ବୃତ୍ତି କମିଟି ଗଠନ ବ୍ୟତୀତ ବୃତ୍ତି ବିତରଣର ଅନ୍ତର୍ଭୁକ୍ତି ବଢାଇବାକୁ ଦରଖାସ୍ତ ଗୁଡ଼ିକର ବୈଧିକରଣ ପାଇଁ ଅଧିକ ଦାୟିତ୍ୱବାନ ହେବାକୁ, ସମସ୍ତ ମେରିଟ୍ ବର୍ଗରେ ନୂତନ ବୈଧ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ ।

## 4.5 ଠିକ୍ ସମୟରେ ସୁବିଧା ଅନ୍ତରଣ ନିମନ୍ତେ ମଧ୍ୟସ୍ଥି ସ୍ତରକୁ କମ୍ କରିବା ପାଇଁ ପ୍ରକ୍ରିୟା ପୁନର୍ଗଠନ

ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା ମାଧ୍ୟମରେ ଫାଇଦାର ସ୍ଥାନାନ୍ତର କରିବାକୁ ଡିବିଟି ଏକ ବିକଳ୍ପ ଯୋଜନା କରିଛି, ଯାହାକି ଅନେକ ପ୍ରକ୍ରିୟା ପୁନର୍ଗଠନ ଆବଶ୍ୟକ କରେ । ଯୋଜନା କାର୍ଯ୍ୟକାରୀ କରୁଥିବା ବିଭାଗ ଗୁଡ଼ିକ, ଡିବିଟି

[25] ସିନିୟର ମେରିଟ୍: 6,000, ପିଜି ମେରିଟ୍: 2,500 ଏବଂ ଟିଓପି ମେରିଟ୍: 6,000

ସେଲ୍ ସାହାଯ୍ୟରେ ଏହି ପ୍ରକ୍ରିୟା ପୁନର୍ଗଠନ ପାଇଁ ଦାୟୀ, ଯାହା ସୁବିଧା ଅନ୍ତରଣ ପାଇଁ ମଧ୍ୟସ୍ଥି ସ୍ତରକୁ ହ୍ରାସ କରେ ଏବଂ ଠିକ୍ ସମୟରେ ପ୍ରାପ୍ତି ନିଶ୍ଚିତ କରେ ।


### *4.5.1 ପ୍ରକ୍ରିୟା ପୁନର୍ଗଠନର ଅଭାବ*

ଏସ୍ଏସ୍ଡି ବିଭାଗ ଦ୍ୱାରା ନିଷ୍ପତ୍ତି ନିଆଯାଇଥିଲା ଯେ (2015-16) ଡିଡବ୍ଲୁଓ ନିଜ ନିଜ ଜିଲ୍ଲାର ଅନୁସୂଚିତ ଜାତି/ ଅନୁସୂଚିତ ଜନଜାତି/ ଅନ୍ୟାନ୍ୟ ପଛୁଆ ଜାତି/ ଆର୍ଥିକ ପଛୁଆ ଜାତି ଛାତ୍ରୀଛାତ୍ରଙ୍କ ପାଇଁ ପିଏମ୍ଏସ୍ ମଞ୍ଜୁରୀ ପ୍ରଦାନକାରୀ କର୍ତ୍ତୃପକ୍ଷ ହୋଇଥିବା ବେଳେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତିର ଛାତ୍ରୀଛାତ୍ରମାନଙ୍କ ପାଇଁ ବୃତ୍ତି ପ୍ରଦାନ ଲକ୍ଷ୍ୟ ଏସ୍ଏସ୍ଡି ବିଭାଗ ଦ୍ୱାରା ଏବଂ ଅନ୍ୟାନ୍ୟ ପଛୁଆ ଜାତି ଓ ଆର୍ଥିକ ପଛୁଆ ଜାତିର ଛାତ୍ରୀଛାତ୍ରମାନଙ୍କର କ୍ଷେତ୍ରରେ ଡିଡବ୍ଲୁଓ ଦ୍ୱାରା କରାଯିବ ।

ସମୀକ୍ଷା କିନ୍ତୁ ଲକ୍ଷ୍ୟ କଲା ଯେ ପ୍ରେରଣା ଏବଂ ଇ-ମେଧାବୃତ୍ତି ସଫ୍ଟୱେୟାରରେ ପିଏମ୍ଏସ୍ ଏବଂ ମେଧାବୃତ୍ତି ବୃତ୍ତିର ଆବେଦନ ଓ ଅନୁମୋଦନ ପ୍ରକ୍ରିୟାରେ, ବୃତ୍ତି ପରିମାଣର ଅନ୍ତିମ ବିତରଣ ପୂର୍ବରୁ ବିଭିନ୍ନ ମଧ୍ୟସ୍ଥି ସ୍ତର ଜଡ଼ିତ ଥିଲା, ଯାହାକି ***ଚିତ୍ର 4.4*** ରେ ଦର୍ଶାଯାଇଛି ।

***ଚିତ୍ର 4.4: ଦୁଇଟି ଯୋଜନାର ଡିବିଟି ପୂର୍ବ ଏବଂ ପର କାର୍ଯ୍ୟପ୍ରବାହ***

| ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଯୋଜନା | ମେଧାବୃତ୍ତି ଯୋଜନା |
|---|---|




**2016-17 ରେ ବିଦ୍ୟମାନ ସ୍ତର ଗୁଡ଼ିକ ମାର୍ଚ୍ଚ 2021 ପର୍ଯ୍ୟନ୍ତ ମଧ୍ୟ ପ୍ରଚଳିତ**

***(ଉତ୍ସ: ଏଚ୍ଇଡି ଏବଂ ଏସ୍ଏସ୍ଡିର ନଥିପତ୍ର ଏବଂ ଡାଟାବେସ୍)***

***ଚିତ୍ର 4.4*** ରେ ଦର୍ଶାଯାଇଥିବା ଅନୁଯାୟୀ, ପ୍ରେରଣା/ ଓଏସ୍ଏସ୍ପି ପୋର୍ଟାଲ୍ ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଆବେଦନପତ୍ର ଦାଖଲ ସହିତ ପିଏମ୍ଏସ୍ର ପ୍ରକ୍ରୟା ଆରମ୍ଭ ହୁଏ । ଏହାପରେ ଛାତ୍ରୀଛାତ୍ରମାନଙ୍କର ପ୍ରତ୍ୟେକ କାଗଜପତ୍ରକୁ ଯାଞ୍ଚ କରିବା ଏବଂ ଯାଞ୍ଚ ଓ ଅନୁମୋଦନ ପାଇଁ ସଂପୃକ୍ତ ଡିଡବ୍ଲୁଓକୁ ପଠାଇବା ସଂପୃକ୍ତ ଅଧକ୍ଷ ମାନଙ୍କର ଦାୟିତ୍ୱ । ସମସ୍ତ ବୃତ୍ତି ପାଇଁ ଡିଡବ୍ଲୁଓ ହେଉଛନ୍ତି ମଞ୍ଜୁରୀପ୍ରାପ୍ତ କର୍ତ୍ତୃପକ୍ଷ କିନ୍ତୁ କାରବାର ନିୟମ ଏବଂ ନକଲମୁକ୍ତ ମ୍ୟାପିଂ ଅଭାବ ହେତୁ ରାଜ୍ୟ ସ୍ତରରେ ବୃତ୍ତି ପରିଚାଳନା ୟୁନିଟ୍, ବିଭାଗରୁ ଆଇଏଫ୍ଏମ୍ଏସ୍ ମାଧ୍ୟମରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିର ହିତାଧିକାରୀମାନଙ୍କୁ ଦେୟ ପାଇଁ ଆବେଦନ ଗୁଡ଼ିକୁ ପୁନର୍ବାର ଯାଞ୍ଚ କରେ । ଅନ୍ୟ ପଛୁଆ ଜାତି ଏବଂ ଆର୍ଥିକ ପଛୁଆ ଜାତିର ହିତାଧିକାରୀ ମାନଙ୍କ ଦେୟ ପାଇଁ ଏସ୍ଏସ୍ଡି ବିଭାଗ ଡିଡବ୍ଲୁଓକୁ ପାଣ୍ଠି ଆବଣ୍ଟନ କରନ୍ତି ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ, ଅନ୍ୟ ପଛୁଆ ଜାତି ଏବଂ ଆର୍ଥିକ ପଛୁଆ ଜାତି କ୍ଷେତ୍ରରେ ଏସ୍ଏସ୍ଡି ବିଭାଗ ପିଏମ୍ଏସ୍ ମଞ୍ଜୁର ଉପରେ ପ୍ରାଧିକରଣ ବଜାୟ ରଖିଥିଲା ଏବଂ ଦେୟ ପାଇଁ କେବଳ ଚୂଡ଼ାନ୍ତ ମନୋନୀତ ତାଲିକା ସହିତ ଆବଣ୍ଟନ ଡିଡବ୍ଲୁଓମାନଙ୍କୁ ପଠାଉଥିଲା । 2015-16 ର ସଂଶୋଧିତ ମାର୍ଗଦର୍ଶିକା ଅନୁଯାୟୀ, ଏହି ପ୍ରକ୍ରିୟା ଯାଞ୍ଚ ଓ ଅନୁମୋଦନ ଏସ୍ସି ଓ ଏସ୍ଟି ଛାତ୍ରୀଛାତ୍ରମାନଙ୍କ କ୍ଷେତ୍ରରେ ଡିଡବ୍ଲୁଓଙ୍କ ଦ୍ୱାରା କାର୍ଯ୍ୟକାରୀ କରିବାର ଥିଲା, ଏହି କାରଣରୁ ପିଏମ୍ଏସ୍ ଅନୁମୋଦନରେ ମଧ୍ୟସ୍ଥି ସ୍ତରର କୌଣସି ହ୍ରାସ ଘଟିନଥିଲା ।

ଏହିପରି, ଡିବିଟିର ପୂର୍ବ ଏବଂ ପର ପର୍ଯ୍ୟାୟରେ ଜଡ଼ିତ ମଧସ୍ଥି ସ୍ତର ସମାନ ରହିଥିଲା । ଡିବିଟି ପୂର୍ବ ସମୟରେ (2015-16) ବିଲ୍ ତାରିଖ ଠାରୁ ଭାଉଚର ତାରିଖ ପର୍ଯ୍ୟନ୍ତ ନିଆଯାଇଥିବା ସମୟ 02 ରୁ 120 ଦିନ ମଧ୍ୟରେ ରହିଥିଲା ବେଳେ ଡିବିଟି ପର ସମୟରେ (2016-21) ନିଆଯାଇଥିବା ସମୟ 01 ଠାରୁ 272 ଦିନ ମଧ୍ୟରେ ରହିଥିଲା, ଯାହା ଡିବିଟିର ପୂର୍ବ ସମୟର ଅବଧି ତୁଳନାରେ ଅଧିକ ରହିଥିଲା, ଯାହାକି ନିମ୍ନ ସାରଣୀରେ ବିସ୍ତୃତ ଭାବରେ ଦର୍ଶାଯାଇଛି:

***ସାରଣୀ 4.6: 2015-21 ମଧ୍ୟରେ ବିଲ୍ ତାରିଖ ଏବଂ ଭାଉଚର ତାରିଖ ସମୟ***

| ବର୍ଷ | ଡିବିଟି ଅବଧି | ବିଲ୍ ତାରିଖ ଠାରୁ ଭାଉଚର ତାରିଖ ପର୍ଯ୍ୟନ୍ତ ନିଆଯାଇଥିବା ସମୟ (ଦିନରେ) |
|---|---|---|
| 2015-16 | ଡିବିଟି ପୂର୍ବ | 02-120 |
| 2016-17 | ଡିବିଟି ପରବର୍ତ୍ତୀ | 10-125 |
| 2017-18 | ଡିବିଟି ପରବର୍ତ୍ତୀ | 01-267 |
| 2018-19 | ଡିବିଟି ପରବର୍ତ୍ତୀ | 01-272 |
| 2019-20 | ଡିବିଟି ପରବର୍ତ୍ତୀ | 01-250 |
| 2020-21 | ଡିବିଟି ପରବର୍ତ୍ତୀ | 01-255 |

***(ଉତ୍ସ: ଆଇଏଫ୍ଏମ୍ଏସ୍ ତଥ୍ୟର ବିଶ୍ଳେଷଣ)***

ମେଧାବୃତ୍ତି ଯୋଜନାରେ ଆବେଦନ ଦାଖଲ ଠାରୁ ଆରମ୍ଭ କରି ହିତାଧିକାରୀମାନଙ୍କୁ ବୃତ୍ତି ଦେୟ ପର୍ଯ୍ୟନ୍ତ ବର୍ଣ୍ଣିତ ପ୍ରକ୍ରିୟା ***ଅନୁଚ୍ଛେଦ 4.6*** ରେ ଆଲୋଚନା କରାଯାଇଛି ।

ଅଡିଟ୍ ଲକ୍ଷ୍ୟ କରିଥିଲେ ଯେ ରାଜ୍ୟ ଡିବିଟି ସେଲ୍ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରେ ମଧ ପ୍ରେରଣା ଏବଂ ମେଧାବୃତ୍ତି ଯୋଜନାର ସାମଗ୍ରିକ କାର୍ଯ୍ୟାନ୍ୱୟନରେ ଥିବା ଅଭାବଗୁଡ଼ିକ ଉଲ୍ଲେଖ କରାଯାଇଥିଲା ଏବଂ ପିଏଫ୍ଏମ୍ଏସ୍ ରେ ସମସ୍ତ ବୃତ୍ତି ଯୋଜନା ଉପଲବ୍ଧ କରିବା, ବ୍ୟାଙ୍କ ଖାତା ସହିତ ସଂଯୋଗ କରାଇବା ପାଇଁ ଏନ୍‌ପିସିଆଇ ସହିତ ଏକୀକରଣ କରିବା, ଯୋଜନା ଗୁଡ଼ିକର କାର୍ଯ୍ୟପ୍ରବାହକୁ ସ୍ୱୟଂଚାଳିତ, ଇତ୍ୟାଦି କରିବା ପାଇଁ ପ୍ରତିକାମୂକ ପଦକ୍ଷେପର ପରାମର୍ଶ ଦେଇଥିଲା । ତଥାପି, ବିଭାଗ ଗୁଡ଼ିକ ଦ୍ୱାରା ସେସବୁର ପାଳନ କରାଯାଇନଥିଲା କିମ୍ବା ଡିବିଟି ସେଲ୍ ଦ୍ୱାରା ସେମାନଙ୍କ ପ୍ରତିବେଦନ ଭିତ୍ତିରେ କୌଣସି ଅନୁବର୍ତ୍ତୀ କାର୍ଯ୍ୟ କରାଯାଇ ନଥିଲା । ଏହି ଅଭାବଗୁଡ଼ିକ ବିଷୟରେ ***ଅନୁଚ୍ଛେଦ 5.1.1*** ରୁ ***ଅନୁଚ୍ଛେଦ 5.1.3*** ଏବଂ ***ଅନୁଚ୍ଛେଦ 5.2.1, 5.2.2*** ଏବଂ ***5.2.3*** ରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଛି ।

ଏସ୍ଏସ୍‌ଡି ବିଭାଗ ଉତ୍ତର ଦେଇଥିଲା (ସେପ୍ଟେମ୍ବର 2022) ଯେ ପ୍ରକ୍ରିୟା ପ୍ରବାହରେ ବିଦ୍ୟମାନ ସ୍ତରଗୁଡ଼ିକ ବୃତ୍ତି ଯୋଜନାର ଯାଞ୍ଚ ଏବଂ ଉପଯୁକ୍ତ ପରିଚାଳନା ପାଇଁ ଆବଶ୍ୟକ ଥିଲା ଏବଂ ସେଥିପାଇଁ ସେଗୁଡ଼ିକ ଜାରି ରହିଥିଲା । ଉତ୍ତରଟି ସମର୍ଥନୀୟ ନଥିଲା, ଯେହେତୁ ଯାଞ୍ଚ ପ୍ରକ୍ରିୟାରେ ବିଳମ୍ବ ଏଡ଼ାଇବା ପାଇଁ ମାନବୀୟ ହସ୍ତକ୍ଷେପକୁ ଏଡ଼ାଇବା ଓ ସଫ୍ଟୱେୟାର ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ ।

***ସୁପାରିଶ 4.2:***

***ଆବେଦନଗୁଡ଼ିକର ଦ୍ରୁତ ପ୍ରକ୍ରିୟାକରଣ ଠିକ୍ ସମୟରେ ପ୍ରଦାନ ପାଇଁ ବିଦ୍ୟମାନ ଏକାଧିକ ପ୍ରଶାସନିକ ସ୍ତରକୁ ଯୁକ୍ତିସଙ୍ଗତ କରାଯାଇ ବୃତ୍ତି ଯୋଜନାର ସୁପରିଚାଳନା ପାଇଁ ବିକଶିତ ଓଏସ୍ଏସ୍‌ପି କମ୍ପ୍ୟୁଟର ଆପ୍ଲିକେସନର ଯଥାସମ୍ଭବ ବ୍ୟବହାର କରାଯିବା ଉଚିତ୍ ।***

### ***4.5.2 ସଂସ୍ଥାଗୁଡ଼ିକୁ ବ୍ୟବହାରକାରୀ ଆଇଡି ପ୍ରଦାନରେ ତ୍ରୁଟିପୂର୍ଣ୍ଣ ପଦ୍ଧତି***

ପ୍ରେରଣା ବ୍ୟବହାରକାରୀ ନିୟମ ପୁସ୍ତକ ଅନୁଯାୟୀ, ପିଏମ୍ଏସ୍ ଆବେଦନ ପ୍ରକ୍ରିୟାକରଣ ପାଇଁ ସଂପୃକ୍ତ ଅନୁଷ୍ଠାନ ଗୁଡ଼ିକର ଆବେଦନ ପାଇବା ପରେ, ଡିଡବ୍ଲୁଓ, ଅନୁଷ୍ଠାନ ଗୁଡ଼ିକୁ ପଞ୍ଜୀକୃତ କରିବ ଏବଂ ଅନୁଷ୍ଠାନକୁ ବ୍ୟବହାରକାରୀ ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରିବ । ପ୍ରେରଣାରେ ପଞ୍ଜିକରଣ ସମୟରେ ଦିଆଯାଇଥିବା ପଞ୍ଜିକରଣର ବିଶଦ ବିବରଣୀ, ସ୍ୱୀକୃତି, ଅନୁମୋଦନ ଏବଂ ପଢ଼ାଯାଉଥିବା ପାଠ୍ୟକ୍ରମର ସବିଶେଷ ଯାଞ୍ଚ ପରେ ଏହି ଆଇଡି ଏବଂ ପାସ୍‌ୱାର୍ଡ ସଂସ୍ଥାମାନଙ୍କୁ ଦିଆଯିବାର ଥିଲା ।

ନଥିପତ୍ର ଗୁଡ଼ିକର ଯାଞ୍ଚରେ, ଲକ୍ଷ୍ୟ କରାଯାଇଥିଲା ଯେ 2016-19 ଅବଧି ମଧ୍ୟରେ ପ୍ରେରଣା ରେ ଡିଡବ୍ଲୁଓ, ମୟୁରଭଞ୍ଜ, 13 ଟି ଅନୁଷ୍ଠାନ ଏବଂ ଡିଡବ୍ଲୁଓ, ବାଲେଶ୍ୱର, 11 ଟି ଅନୁଷ୍ଠାନକୁ ପଞ୍ଜୀକୃତ କରିଥିଲେ ଏବଂ ପିଏମ୍ଏସ୍ ଆବେଦନ ଗୁଡ଼ିକର ପ୍ରକ୍ରିୟାକରଣ ପାଇଁ ସେମାନଙ୍କୁ ବ୍ୟବହାରକାରୀ ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରିଥିଲେ । ତେବେ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରି, ମୟୁରଭଞ୍ଜ ଡିଡବ୍ଲୁଓ, ବ୍ୟବହାରକାରୀ ଆଇଡି ଏବଂ ପାସ୍‌ୱାର୍ଡ ଦେବା ପୂର୍ବରୁ 13 ଟି ଅନୁଷ୍ଠାନ ମଧ୍ୟରୁ କେବଳ ଦୁଇଟିର[26] ଯାଞ୍ଚ କରିଥିଲେ । ପ୍ରସଙ୍ଗଟି ଆହୁରି ଜଟିଳ ହୋଇଥିଲା ଯେ ସଂପୃକ୍ତ ଡାଟାବେସ୍‌ରେ ଅନୁବନ୍ଧିତତା ପ୍ରଦାନ ପାଇଁ ଦାୟୀ ଥିବା ଅନୁମୋଦନ ସଂସ୍ଥାଗୁଡ଼ିକର କୌଣସି ସଂପୂର୍ଣ୍ଣ ମାଷ୍ଟର ଟେବୁଲ ନଥିଲା ଯାହାକି ଏହି ଅନୁଷ୍ଠାନ ଗୁଡ଼ିକର ସତ୍ୟତା ଯାଞ୍ଚ କରିବାରେ ବ୍ୟବହୃତ ହୋଇ ପାରିଥାନ୍ତା ।

ଦୁଇଟି ନମୁନା ଜିଲ୍ଲା (ମୟୁରଭଞ୍ଜ 11[27]ଏବଂ ବାଲେଶ୍ୱର:5[28] )ରେ ପଞ୍ଜୀକୃତ 16 ଟି ଅନୁଷ୍ଠାନର[29] ମିଳିତ ଭୌତିକ ଯାଞ୍ଚ (ଜେପିଆଇ) ସମୀକ୍ଷା ଦ୍ୱାରା ସଞ୍ଚାଳିତ (ସେପ୍ଟେମ୍ବର ଏବଂ ଅକ୍ଟୋବର 2021) ହୋଇଥିଲା । ସମୀକ୍ଷା ଆଠଟି ଅନୁଷ୍ଠାନର[30] ଅବସ୍ଥିତି ଖୋଜି ପାଇନଥିଲା ଏବଂ ଅବଶିଷ୍ଟ ଆଠଟି ଅନୁଷ୍ଠାନର ଭିତ୍ତିଭୂମି ଅଭାବ ଥିଲା । ଅନୁଷ୍ଠାନ ଗୁଡ଼ିକର ଅସ୍ତିତ୍ୱ ନଥିବା ଏବଂ ଅନ୍ୟ କେତେକଙ୍କର ଭିତ୍ତିଭୂମି ଅଭାବ ସତ୍ତ୍ୱେ ଛାତ୍ରୀଛାତ୍ରମାନଙ୍କର ନାମଲେଖା ଏବଂ ଏଥିରେ ଶିକ୍ଷା ପ୍ରଦାନ ଉପରେ ସନ୍ଦେହ ସୃଷ୍ଟି ହୋଇଥିଲେ ମଧ ଏହି 12 ଟି ଅନୁଷ୍ଠାନ (ମୟୁରଭଞ୍ଜ: 11 ଏବଂ ବାଲେଶ୍ୱର: 1) କୁ 15.57 କୋଟି ଟଙ୍କା ପ୍ରବଞ୍ଚନାତ୍ମକ ଭାବେ ପ୍ରଦାନ କରାଯାଇଥିଲା, ସେଗୁଡ଼ିକର ବିବରଣୀ ***ଅନୁଚ୍ଛେଦ 6.1.1*** ରେ ଦର୍ଶାଯାଇଛି ।

ସମୀକ୍ଷା ଲକ୍ଷ୍ୟ କଲେ ଯେ ଏସ୍ଏସ୍‌ଡି ବିଭାଗ, ବ୍ୟବହାରକାରୀ ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ ପୂର୍ବରୁ ଅନୁଷ୍ଠାନର ଯାଞ୍ଚ ଯଥା ଭୌତିକ ସ୍ଥିତି, ଭିତ୍ତଭୂମି ସୁବିଧା ଉପଲବ୍ଧତା, ଛାତ୍ରାବାସ ଉପଲବ୍ଧତା ଅନ୍ୟାନ୍ୟ ସୁବିଧା ଇତ୍ୟାଦି କରିବା ପାଇଁ ଡିଡବ୍ଲୁଓ ଦ୍ୱାରା ଅନୁସରଣ କରିବା ନିମନ୍ତେ ଏକ ସୁବ୍ୟବସ୍ଥିତ ପ୍ରଣାଳୀ/ ନିର୍ଦ୍ଦେଶନାମା/ ଯାଞ୍ଚ ତାଲିକା ଜାରି କରିନଥିଲେ । ଫଳସ୍ୱରୂପ, ବିଭାଗ ଏବଂ ଏହାର କ୍ଷେତ୍ରୀୟ ଅଧିକାରୀ ମାନଙ୍କ ଅବହେଳା ହେତୁ ସ୍ଥିତିହୀନ ଅନୁଷ୍ଠାନ ଗୁଡ଼ିକର ଛାତ୍ରୀଛାତ୍ରମାନଙ୍କୁ ଦେୟ ପ୍ରଦାନ କରାଯାଇଥିଲା ।

ଏସ୍ଏସ୍‌ଡି ବିଭାଗ ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ନୂତନ ପୋର୍ଟାଲ, ଓଏସ୍ଏସ୍‌ପିରେ ନିୟନ୍ତ୍ରଣ କରୁଥିବା ବିଭାଗ ଦ୍ୱାରା ସ୍ୱୀକୃତ ପ୍ରାପ୍ତ ତଥା ଅନୁମୋଦିତ ଅନୁଷ୍ଠାନଗୁଡ଼ିକୁ ଯୋଡ଼ାଯିବା ନିଶ୍ଚିତ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି ।

***ସୁପାରିଶ 4.3:***

***ସଂସ୍ଥାଗୁଡ଼ିକୁ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରିବା ପୂର୍ବରୁ ଯାଞ୍ଚ ପ୍ରକ୍ରିୟାକୁ ବର୍ଣ୍ଣନା କରି ଠକାମି ଏବଂ ଅଯୋଗ୍ୟ ହିତାଧିକାରୀଙ୍କୁ ବାଛିବା ପାଇଁ ଏସ୍ଏସ୍‌ଡି ବିଭାଗ ଜିଲ୍ଲାସ୍ତରୀୟ କାର୍ଯ୍ୟକର୍ତ୍ତାମାନଙ୍କୁ ଏକ ସବିଶେଷ ଯାଞ୍ଚ ତାଲିକା ଦେଇପାରେ ।***

---

26 କଳିଙ୍ଗ ଫାୟାର ଆଣ୍ଡ ସେଫ୍ଟି ଟେକ୍‌ନିକ୍ସ (କେଏଫ୍ଏସ୍‌ଟି) ଏବଂ ଗ୍ଲୋବାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସେଫ୍ଟି ଆଣ୍ଡ ଟ୍ରେନିଙ୍ଗ୍ (ଜିଆଇଏସ୍‌ଟି)

27 ଆଇଭିଇଟି ଭୋକେସନାଲ୍ ଟ୍ରେନିଙ୍ଗ୍ ସେଣ୍ଟର; ଆଶୁତୋଷ ଭୋକେସନାଲ୍ ଟ୍ରେନିଙ୍ଗ୍ ସେଣ୍ଟର; ସାଇ ଭୋକେସନାଲ୍ ଟ୍ରେନିଙ୍ଗ୍ ସେଣ୍ଟର, ପୁରୁଣା ବାରିପଦା; ଆଇଟିଇଟି ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର; ସାଇ ସେଫ୍ଟି ଟ୍ରେନିଙ୍ଗ୍ ଇନିଷ୍ଟିଚ୍ୟୁଟ୍; ମୟୁରଭଞ୍ଜ ସେଫ୍ଟି ଟ୍ରେନିଙ୍ଗ୍ ଇନିଷ୍ଟିଚ୍ୟୁଟ୍; ବାରିପଦା ସେଫ୍ଟି ଟ୍ରେନିଙ୍ଗ୍ ଇନିଷ୍ଟିଚ୍ୟୁଟ୍; ଓଡ଼ିଶା ସେଫ୍ଟି ଟ୍ରେନିଙ୍ଗ୍ ଇନିଷ୍ଟିଚ୍ୟୁଟ୍; କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେଫ୍ଟି ଆଣ୍ଡ ଟ୍ରେନଙ୍ଗ୍; ଗ୍ଲୋବାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେଫ୍ଟି ଆଣ୍ଡ ଟ୍ରେନିଙ୍ଗ୍; ପୁରୁଷୋତ୍ତମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଆଣ୍ଡ ସେଫ୍ଟି ଟେକ୍‌ନିକ୍ସ

28 ଇଣ୍ଡିଆନ୍ ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର, ଜାନୁଗଞ୍ଜ; ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଆଣ୍ଡ ସେଫ୍ଟି, ଡୁମୁଡା; ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ, କୁରୁଡ଼ା; ଓଡ଼ିଶା ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର, କୁରୁଡା ଆଣ୍ଡ ଓଡ଼ିଶା ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର, ଡୁମୁଡା

29 ବିଚାର ଭିତ୍ତିରେ ମନୋନୀତ

30 ମୟୁରଭଞ୍ଜ: ବାରିପଦା ସେଫ୍ଟି ଟ୍ରେନିଙ୍ଗ୍ ଇନଷ୍ଟିଚ୍ୟୁଟ୍; କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସେଫ୍ଟି ଆଣ୍ଡ ଟ୍ରେନିଙ୍ଗ୍ ଏବଂ ପୁରୁଷୋତ୍ତମ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ଏଣ୍ଡ ସେଫ୍ଟି ଟେକ୍‌ନିକ୍ସ

ବାଲେଶ୍ୱର: ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାୟାର ସେଫ୍ଟି; ଓଡ଼ିଶା ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର, ଇଣ୍ଡିଆନ୍ ଭୋକେସନାଲ୍ ଟ୍ରେନିଙ୍ଗ୍ ସେଣ୍ଟ; ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ସାଇନ୍ସ ଏବଂ ଓଡ଼ିଶା ଭୋକେସନାଲ ଟ୍ରେନିଙ୍ଗ୍ ସେଣ୍ଟର

### 4.5.3 ପିଏମ୍ଏସ୍ ପାଇଁ ଆବେଦନ ଗୁଡ଼ିକର ମନମୁଖୀ ପ୍ରତ୍ୟାଖ୍ୟାନ

ପ୍ରେରଣା କାର୍ଯ୍ୟପ୍ରବାହ ଏବଂ ବ୍ୟବହାରକାରୀ ନିୟମ ବହି ଅନୁଯାୟୀ ଛାତ୍ରୀଛାତ୍ରମାନଙ୍କର ଭୁଲ୍/ ଅବୈଧ ଆବେଦନଗୁଡ଼ିକୁ ଅସ୍ଥାୟୀ କିମ୍ବା ସ୍ଥାୟୀ ଭାବେ କାରଣ ଦର୍ଶାଇ ପ୍ରତ୍ୟାଖ୍ୟାନ କରିବାର ଅଧିକାର ଅନୁଷ୍ଠାନ ଓ ଡିଡବ୍ଲୁଓ ମାନଙ୍କର ରହିଛି । ତଥାପି, ଏହିପରି ଅସ୍ଥାୟୀ କିମ୍ବା ସ୍ଥାୟୀ ପ୍ରତ୍ୟାଖ୍ୟାନ ପାଇଁ ମାନଦଣ୍ଡ କିମ୍ବା ଭିତ୍ତି ଧାର୍ଯ୍ୟ ପୂର୍ବକ କୌଣସି ନିର୍ଦ୍ଦେଶାବଳୀ ଗଠନ କରାଯାଇନଥିଲା ।

ପ୍ରେରଣା ଏବଂ ଓଏସ୍ଏସ୍ପି ଡାଟାବେସର ସମୀକ୍ଷା ବିଶ୍ଳେଷଣରୁ ଜଣାଗଲା ଯେ 2017-21 ଅବଧି ମଧ୍ୟରେ ପ୍ରାପ୍ତ 14,22,413 ଟି ଆବେଦନ ମଧ୍ୟରୁ 1,20,918 ଟି ଆବେଦନ (8.50 ପ୍ରତିଶତ) ଡିଡବ୍ଲୁଓ ଗୁଡ଼ିକ / ଅନୁଷ୍ଠାନ ଗୁଡ଼ିକ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିଲା, ସେଥି ମଧ୍ୟରୁ 1,11,793 ଟି ବୃତ୍ତି ଆବେଦନ ଅସ୍ଥାୟୀ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା ଏବଂ 9,125 ଟି ଆବେଦନ ସ୍ଥାୟୀ ଭାବେ ପ୍ରତ୍ୟାଖ୍ୟାନ କରାଯାଇଥିଲା ।

ଏହା ଲକ୍ଷ୍ୟ କରାଯାଇଥିଲା ଯେ ନକଲ, ବିଳମ୍ବ ଦାଖଲ, ଉପଯୁକ୍ତ ବର୍ଗରେ ନଥିବା, ମିଥ୍ୟା ବିବୃତ୍ତି/ ଦସ୍ତାବିଜ୍/ ପ୍ରମାଣପତ୍ର, ଗତ ବର୍ଷର ନମ୍ବର ଅନୁଯାୟୀ ଅଯୋଗ୍ୟତା ଇତ୍ୟାଦି କାରଣରୁ, ଅନୁଷ୍ଠାନ ଗୁଡ଼ିକ/ ଡିଡବ୍ଲୁଓ ଗୁଡ଼ିକ ଆବେଦନଗୁଡ଼ିକୁ ସ୍ଥାୟୀ ଭାବେ ପ୍ରତ୍ୟାଖ୍ୟାନ କରିଥିଲେ । ଆହୁରି ମଧ୍ୟ, ଅସମ୍ପୂର୍ଣ୍ଣ ଆବେଦନ, ଆବଶ୍ୟକ ଦଲିଲର ହାର୍ଡ କପିର ଅନୁପସ୍ଥିତି, ଭୁଲ ବ୍ୟାଙ୍କ ଖାତା ବିବରଣୀ, ଭୁଲ ଆଧାର ନମ୍ବର ଇତ୍ୟାଦି କାରଣରୁ ଅସ୍ଥାୟୀ ଭାବରେ ପ୍ରତ୍ୟାଖ୍ୟାନ କରାଯାଇଥିଲା:

ଏହି ପରିପ୍ରେକ୍ଷୀରେ, ଅଡିଟ୍ ନିମ୍ନ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲେ:

- ***ଆବେଦନଗୁଡ଼ିକର ଅନିୟମିତ ସ୍ଥାୟୀ ପ୍ରତ୍ୟାଖ୍ୟାନ*** : ଡିଡବ୍ଲୁଓଗୁଡ଼ିକ ଓ ସଂପୃକ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ଅନୁସରଣ କରାଯାଉଥିବା କାର୍ଯ୍ୟ ଧାରା ଅନୁଯାୟୀ ଅସ୍ଥାୟୀ ଭାବରେ ପ୍ରତ୍ୟାଖ୍ୟାନ ଯୋଗ୍ୟ 1,117 ଆବେଦନ (12 ପ୍ରତିଶତ) 28 ଟି ଜିଲ୍ଲାରେ ସ୍ଥାୟୀ ପ୍ରତ୍ୟାଖ୍ୟାନ (9,125) ଦରଖାସ୍ତ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଥିଲା । ଏହି ପ୍ରତ୍ୟାଖ୍ୟାନ ଗୁଡ଼ିକର ପ୍ରକାର ନିମ୍ନରେ ସଂକ୍ଷିପ୍ତରେ ଦିଆଯାଇଛି:

***ସାରଣୀ 4.7: ଅସ୍ଥାୟୀ ପ୍ରତ୍ୟାଖ୍ୟାନ ଆଧାରରେ ସ୍ଥାୟୀ ପ୍ରତ୍ୟାଖ୍ୟାନ***

| ପ୍ରତ୍ୟାଖ୍ୟାନର ପ୍ରକାର | ଅସ୍ଥାୟୀ ଭାବେ ପ୍ରତ୍ୟାଖ୍ୟାନ ହୋଇଥିବା ମାମଲା ସଂଖ୍ୟା | ସ୍ଥାୟୀ ଭାବେ ପ୍ରତ୍ୟାଖ୍ୟାନ ହୋଇଥିବା ମାମଲା ସଂଖ୍ୟା |
|---|---|---|
| ପାଠ୍ୟକ୍ରମ ସମାପ୍ତ/ ଟିସି ନିଆଯାଇଛି | 1,132 | 14 |
| ଅସମ୍ପୂର୍ଣ୍ଣ ଆବେଦନ | 37,867 | 702 |
| ଅବୈଧ ଆଧାର ସଂଖ୍ୟା | 2,602 | 8 |
| ହାର୍ଡ କପି ଦାଖଲ କରାଯାଇ ନାହିଁ | 13,903 | 129 |
| ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରାଯାଇ ନାହିଁ | 12,451 | 91 |
| ଭୁଲ୍ ବ୍ୟାଙ୍କ ଖାତାର ବିଶେଷ | 13,939 | 173 |
| **ସର୍ବମୋଟ** | **81,894** | **1,117** |

***(ଉତ୍ସ: ପ୍ରେରଣା ଡାଟାବେସରେ ବିଶ୍ଳେଷଣ)***

ଏହିପରି ଭାବରେ, ବିଭାଗର ସୁବ୍ୟବସ୍ଥିତ, ନିର୍ଦ୍ଦେଶାବଳୀ ଅଭାବରୁ ଛାତ୍ରୀଛାତ୍ରଙ୍କ ଆବେଦନଗୁଡ଼ିକର ପ୍ରକ୍ରିୟାକରଣ ସମୟରେ ଡିଡବ୍ଲୁଓ ଏବଂ ଅନୁଷ୍ଠାନ ଗୁଡ଼ିକରେ ସମାନତାର ଅଭାବ ରହିଥିଲା । କେତେକ ଅନୁଷ୍ଠାନ ଏବଂ ଜିଲ୍ଲା କର୍ତ୍ତୃପକ୍ଷ, ଉପରୋକ୍ତ ମାନଦଣ୍ଡ ଆଧାରରେ ବୃତ୍ତି ଆବେଦନକୁ କେବଳ ଅସ୍ଥାୟୀ ଭାବରେ ପ୍ରତ୍ୟାଖ୍ୟାନ କରିଥିଲା ବେଳେ, ଅନ୍ୟମାନେ ସ୍ଥାୟୀ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ ଯାହାଦ୍ୱାରା ସମ୍ଭାବ୍ୟ ହିତାଧିକାରୀମାନଙ୍କୁ ବୃତ୍ତି ପ୍ରଦାନ କରାଯାଇ ନଥିଲା ।

- ***ଆବେଦନ ଗୁଡ଼ିକର ଅନିୟମିତ ଅସ୍ଥାୟୀ ପ୍ରତ୍ୟାଖ୍ୟାନ:*** ଅନୁଷ୍ଠାନ/ ଡିଡବ୍ଲୁଓମାନଙ୍କ ଦ୍ୱାରା ଅନୁସରଣ କରାଯାଉଥିବା କାର୍ଯ୍ୟଧାରା ଅନୁଯାୟୀ ସ୍ଥାୟୀ ପ୍ରତ୍ୟାଖ୍ୟାନ ଯୋଗ୍ୟ 991 ଆବେଦନ (1 ପ୍ରତିଶତ) ଅସ୍ଥାୟୀ ପ୍ରତ୍ୟାଖ୍ୟାନ ଭାବରେ ପ୍ରତ୍ୟାଖ୍ୟାତ ଆବେଦନ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା । ଏହି ଆବେଦନ ଗୁଡ଼ିକ

ମଧ୍ୟରୁ 18 ଟିକୁ ପରବର୍ତ୍ତୀ ସମୟରେ ଗ୍ରହଣ କରାଯାଇଥିଲା ଏବଂ 6 ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ଯାହା ସଂକ୍ଷିପ୍ତ ଭାବରେ ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 4.8: ସ୍ଥାୟୀ ପ୍ରତ୍ୟାଖ୍ୟାନ ଯୋଗ୍ୟ ଆବେଦନଗୁଡ଼ିକର ଅସ୍ଥାୟୀ ଭାବେ ପ୍ରତ୍ୟାଖ୍ୟାନ***

| ପ୍ରତ୍ୟାଖ୍ୟାନର ପ୍ରକାର | ଆବେଦନ ଗୁଡ଼ିକର ସଂଖ୍ୟା | ଦେୟ ପ୍ରଦାନ କରାଯାଇଥିବା ମାମଲାର ସଂଖ୍ୟା | ପରିମାଣ (ଟଙ୍କାରେ) |
|---|---|---|---|
| ସୀମା ଅତିକ୍ରମ କରୁଥିବା ବାର୍ଷିକ ଆୟ | 47 | 6 | 42,651 |
| ଅନ୍ୟ ଏକ ଯୋଜନା ଅଧିନରେ ବୃତ୍ତି ହାସଲ | 36 | - | - |
| ବିନା ଅନୁମତିରେ ପାଠ୍ୟକ୍ରମର ଶାଖାରେ ପରିବର୍ତ୍ତନ | 2 | - | - |
| ସାଧାରଣ ଅବଧି ଅତିକ୍ରମ କରୁଥିବା ପାଠ୍ୟକ୍ରମ | 1 | - | - |
| ନକଲ ଆବେଦନ | 465 | 11 | 4,91,020 |
| ଆବେଦନ ଦାଖଲରେ ବିଳମ୍ବ | 27 | - | - |
| ଗତ ବର୍ଷ ପ୍ରତିଶତ ଅନୁଯାୟୀ ଅଯୋଗ୍ୟ | 64 | - | - |
| ଉପଯୁକ୍ତ ବର୍ଗ ଅଧିନରେ ନୁହେଁ | 58 | 1 | 66,220 |
| ସମାନ ବୃତ୍ତିଗତ ପାଠ୍ୟକ୍ରମର ପୁନରାବୃତ୍ତି | 1 | - | - |
| ସମାନ ଶିକ୍ଷା ପର୍ଯ୍ୟାୟରେ ଅଧ୍ୟୟନର ପୁନରାବୃତ୍ତି | 3 | - | - |
| ସମାନ ବର୍ଷରେ ଦ୍ୱିତୀୟ/ ପରବର୍ତ୍ତୀ ବିଫଳତା | 3 | - | - |
| ମିଥ୍ୟା ବିବୃତି/ ଦସ୍ତାବିଜ / ପ୍ରମାଣ ପତ୍ର ଦାଖଲ | 234 | - | - |
| ଦୁଇଟି ସନ୍ତାନ ପୂର୍ବରୁ ବୃତ୍ତି ଗ୍ରହଣ କରୁଛନ୍ତି | 2 | - | - |
| ଅସନ୍ତୋଷଜନକ ପ୍ରଗତି/ ବିଦ୍ୟାର୍ଥୀଙ୍କର ଅସଦାଚରଣ | 48 | - | - |
| ମୋଟ | **991** | **18** | **5,99,891** |

***(ଉତ୍ସ: ପ୍ରେରଣା ଡାଟାବେସର ବିଶ୍ଳେଷଣ)***

- ***ବିନା କାରଣରେ ଆବେଦନର ପ୍ରତ୍ୟାଖ୍ୟାନ:*** ଅସ୍ଥାୟୀ ଏବଂ ସ୍ଥାୟୀ ପ୍ରତ୍ୟାଖ୍ୟାନ ଗୁଡ଼ିକରେ 224 ଟି ଆବେଦନ ମଧ୍ୟ ଅନ୍ତର୍ଭୁକ୍ତ ରହିଥିଲା ଯେଉଁଥିରେ କି ପ୍ରତ୍ୟାଖ୍ୟାନର କୌଣସି କାରଣ ଦର୍ଶାଯାଇ ନଥିଲା ।

ଏହିପରି ଭାବରେ, ସ୍ଥାୟୀ କିମ୍ବା ଅସ୍ଥାୟୀ ପ୍ରତ୍ୟାଖ୍ୟାନ ପାଇଁ ସ୍ୱଚ୍ଛ ମାନଦଣ୍ଡ ସ୍ଥିର କରିବା ଏବଂ ଏହି ବ୍ୟବସ୍ଥାକୁ ପ୍ରେରଣାରେ ଅନ୍ତର୍ଭୁକ୍ତ କରିବାରେ ଏସ୍ଏସ୍ଡି ବିଭାଗର ବିଫଳତା ହେତୁ, ଆବେଦନ ଗୁଡ଼ିକର ପ୍ରତ୍ୟାଖ୍ୟାନ/ ଗ୍ରହଣ ସ୍ୱେଚ୍ଛାଚାରିତା ମୁକ୍ତ ନଥିଲା, ଯାହା ସମ୍ଭାବ୍ୟ ଯୋଗ୍ୟ ହିତାଧିକାରୀମାନଙ୍କୁ ବୃତ୍ତି ପାଇବାରୁ ବଞ୍ଚିତ କରିଥିଲା ।

ସମୀକ୍ଷା ଲକ୍ଷ୍ୟ କଲେ ଯେ ନୟାଗଡ଼ ଜିଲ୍ଲାର ଦୁଇଟି ନମୁନା ଅନୁଷ୍ଠାନର[31] ଅଧକ୍ଷମାନେ, 2020-21 ଅବଧିରେ ପିଏମ୍ଏସ୍ ବୃତ୍ତି ପାଇଁ ଗ୍ରହଣ କରାଯାଇଥିବା 181 ଟି ଆବେଦନକୁ ଯାଞ୍ଚ କରି ନଥିଲେ । ଏହି ଆବେଦନ ଗୁଡ଼ିକ ମଧ୍ୟ ଅନୁଷ୍ଠାନଗୁଡ଼ିକ ଦ୍ୱାରା ମଞ୍ଜୁର ପାଇଁ ସଂପୃକ୍ତ ଡିଡବ୍ଲୁଓଙ୍କ ନିକଟକୁ ପଠାଯାଇନଥିଲା । ଅନୁଷ୍ଠାନ ଗୁଡ଼ିକରୁ ଏହା ଜଣାଗଲା ଯେ ଏହି ପ୍ରକ୍ରିୟାକରଣ ନ କରିବାର କାରଣ ହେଉଛି ବ୍ୟବହାରକାରୀ ଆଇଡି/ ପାସ୍ୱାର୍ଡ ସମସ୍ୟା ଯେଉଁଥିପାଇଁ ଅନୁଷ୍ଠାନ ଗୁଡ଼ିକ, ବୃତ୍ତି ପ୍ରକ୍ରିୟାକରଣ ପାଇଁ 2020-21 ରେ ପ୍ରବର୍ତ୍ତନ ଆରମ୍ଭ ହୋଇଥିବା ଓଏସ୍ଏସ୍ପି ପୋର୍ଟାଲରେ ପ୍ରବେଶ କରିପାରିନଥିଲେ । ଯଦିଓ ଅନୁଷ୍ଠାନଗୁଡ଼ିକ ଟେଲିଫୋନ ମାଧ୍ୟମରେ ଡିଡବ୍ଲୁଓ ନିକଟରେ ଏହି ସମସ୍ୟାଗୁଡ଼ିକ ଉତ୍ଥାପନ କରିଥିଲେ, ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ନଥିଲା (ଜୁଲାଇ 2021 ସୁଦ୍ଧା) । ପ୍ରକ୍ରିୟାକରଣରେ ଏହି ବିଚାରାଧୀନତା ସଫ୍ଟୱେୟାର ଡ୍ୟାସ୍ବୋର୍ଡରେ ସ୍ପଷ୍ଟ ଦେଖାଯାଉଥିଲେ ମଧ୍ୟ ଏସ୍ଏସ୍ଡି ବିଭାଗ ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ନେଇ ନଥିଲେ ଫଳରେ ଜିଲ୍ଲାର ସମ୍ଭାବ୍ୟ ହିତାଧିକାରୀମାନଙ୍କୁ ସୁବିଧା ପ୍ରଦାନ କରାଯାଇ ନଥିଲା ।

ଏହାର ଉତ୍ତରରେ ଏସ୍ଏସ୍ଡି ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ ଆବେଦନ ଗୁଡ଼ିକୁ ସ୍ଥାୟୀ ଭାବେ ପ୍ରତ୍ୟାଖ୍ୟାନ କରାଯିବା ଆବଶ୍ୟକ କି ନାହିଁ ତାହା ସ୍ଥିର କରିବା ପାଇଁ ଯାଞ୍ଚ ଏବଂ ମଞ୍ଜୁରୀ କର୍ତ୍ତୃପକ୍ଷଙ୍କ ଚତୁରତା ଏବଂ ବିଚାର ଉପରେ ଛାଡ଼ି ଦିଆଯାଇଥିଲା । ଉତ୍ତର ଗ୍ରହଣୀୟ ନଥିଲା ଯେହେତୁ ବିଭାଗ

[31] ରାଜସୁନାଖଲା ଡିଗ୍ରୀ ମହାବିଦ୍ୟାଳୟ, ନୟାଗଡ଼: 92 ଛାତ୍ରୀଛାତ୍ର ଓ ରାଜସୁନାଖଲା ଉଚ୍ଚ ମାଧମିକ ବିଦ୍ୟାଳୟ: 89 ଛାତ୍ରୀଛାତ୍ର

ଆବେଦନଗୁଡ଼ିକର ସ୍ଥାୟୀ/ ଅସ୍ଥାୟୀ ପ୍ରତ୍ୟାଖ୍ୟାନ ପାଇଁ କୌଣସି ସ୍ୱଷ୍ଟ ଓ ନିର୍ଦ୍ଦିଷ୍ଟ ନୀତି ନିର୍ଦ୍ଧାରଣ କରିନଥିଲେ, ଯାହାକି ହିତାଧିକାରୀମାନଙ୍କ ନିର୍ଭୁଲ ଚିହ୍ନଟ (ଡିବିଟିର ଗୋଟିଏ ଉଦ୍ଦେଶ୍ୟ) ପାଇଁ ଆବେଦନକାରୀଙ୍କ ଯୋଗ୍ୟତାକୁ ବିଚାର କରିବାରେ ଏକ ମୌଳିକ ଉପାଦାନ ।

### *4.5.4 ରକ୍ଷଣାବେକ୍ଷଣ ଭତ୍ତା ବିତରଣରେ ଅନିୟମିତତା*

ଠିକ୍ ସମୟରେ ହିତାଧିକାରୀଙ୍କ ଖାତାକୁ ସିଧାସଳଖ ଲାଭ ଅନ୍ତରଣ ନିମନ୍ତେ ମଧ୍ୟସ୍ଥି ସ୍ତର ହ୍ରାସ କରିବାକୁ ଡିବିଟି, କାରବାର ପ୍ରକ୍ରିୟା ପୁନର୍ଗଠନ କରିଛି ।

ବିଦ୍ୟାଳୟ ସ୍ତରରେ ମେସ୍‌ର ସୁପରିଚାଳନା ପାଇଁ ପିଏମ୍ଏସ୍‌ର ରକ୍ଷଣାବେକ୍ଷଣ ଭତ୍ତା (ଏମ୍ଏ) ଉପାଦାନକୁ ଏସ୍ଏସ୍‌ଡି ବିଭାଗ ଦ୍ୱାରା ପରିଚାଳିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିବାକୁ ଏସ୍ଏସ୍‌ଡି ବିଭାଗ ନିଷ୍ପତ୍ତି ନେଇଥିଲା (ଅଗଷ୍ଟ 2019) । ଏସ୍ଏସ୍‌ଡି ବିଭାଗର ଏହି ନିଷ୍ପତ୍ତି କେବଳ ସରକାରୀ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ଗୁଡ଼ିକ ପାଇଁ ଥିଲା । ତେଣୁ, ବେସରକାରୀ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ କ୍ଷେତ୍ରରେ ରକ୍ଷଣାବେକ୍ଷଣ ଭତ୍ତା ଉପାଦାନ କେବଳ ଛାତ୍ରୀଛାତ୍ରମାନଙ୍କର ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରାଯିବାକୁ ଥିଲା । ବିଭାଗ 2017-21 ଅବଧିରେ 165 ଟି ଅନୁଷ୍ଠାନର (ଦୁଇଟି ବେସରକାରୀ ଅନୁଷ୍ଠାନ ଅନ୍ତର୍ଭୁକ୍ତ) ବ୍ୟାଙ୍କ ଖାତାକୁ 54,642 ହିତାଧିକାରୀଙ୍କ ପାଇଁ 31.44 କୋଟି ଟଙ୍କାର ପିଏମ୍ଏସ୍ ଅନ୍ତରଣ କରିଥିଲା, ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି:

***ସାରଣୀ 4.9: 2017-21 ଅବଧିରେ ଅନୁଷ୍ଠାନ ମାନଙ୍କର ଖାତାକୁ ପିଏମ୍ଏସ୍ ର ରକ୍ଷଣାବେକ୍ଷଣ ଭତ୍ତା ଉପାଦାନ ଅନ୍ତରଣ***

| ବର୍ଷ | ଅନୁଷ୍ଠାନ ସଂଖ୍ୟା | ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା | ଦେୟ ରାଶି (ଟଙ୍କା କୋଟିରେ) |
|---|---|---|---|
| 2017-18 | 64 | 8,398 | 5.88 |
| 2018-19 | 138 | 18,734 | 10.04 |
| 2019-20 | 134 | 13,381 | 8.26 |
| 2020-21 | 125 | 14,129 | 7.26 |
| ମୋଟ | | **54,642** | **31.44** |

***(ଉତ୍ସ: ଏସ୍ଏସ୍‌ଡି ବିଭାଗ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା)***

ସମୀକ୍ଷା ରକ୍ଷଣାବେକ୍ଷଣ ଭତ୍ତାର ବିତରଣରେ ନିମ୍ନଲିଖିତ ତ୍ରୁଟି ଗୁଡ଼ିକ ଲକ୍ଷ୍ୟ କଲେ:

- ***ବେସରକାରୀ ଅନୁଷ୍ଠାନ ଗୁଡ଼ିକୁ ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନର ଅନିୟମିତତା:*** ଦୁଇଟି ବେସରକାରୀ ପରଚାଳିତ ଅନୁଷ୍ଠାନରେ 276 ଏସ୍‌ଟି/ ଏସ୍‌ସି ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ 2018-20 ଅବଧିରେ 1.37 କୋଟି ଟଙ୍କା ସଂପୃକ୍ତ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅନ୍ତରଣ ପରିବର୍ତ୍ତେ ସଂପୃକ୍ତ ଅନୁଷ୍ଠାନର ବ୍ୟାଙ୍କ ଆକାଉଣ୍ଟକୁ ଅନ୍ତରଣ କରାଯାଇଥିଲା, ଯାହା ଅନିୟମିତ ଥିଲା । ଏହିପରି, ଦୁଇଟି ବେସରକାରୀ ଅନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ରଙ୍କ କ୍ଷେତ୍ରରେ ବୃତ୍ତିର ସିଧାସଳଖ ଅନ୍ତରଣ ହୋଇନଥିଲା, ଯାହା ଡିବିଟିର ଉଦ୍ଦେଶ୍ୟର ବିରୁଦ୍ଧାଚରଣ କରୁଥିଲା ।

- ***ବିତରଣରେ ବିଳମ୍ବ :*** ଏସ୍ଏସ୍‌ଡି ବିଭାଗ ଦ୍ୱାରା ପରିଚାଳିତ 11 ଟି ନମୁନା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଏଚ୍ଏସ୍ଏସ୍) ମଧ୍ୟରୁ ଛଅଟି ଏଚ୍ଏସ୍ଏସ୍ (55 ପ୍ରତିଶତ) ରେ 699 ଜଣ ଛାତ୍ରୀଛାତ୍ରଙ୍କ ପାଇଁ 69.68 ଲକ୍ଷ ଟଙ୍କା ସଂପୃକ୍ତ ବିଦ୍ୟାଳୟର ବ୍ୟାଙ୍କ ଖାତାକୁ ଅନ୍ତରଣ ହୋଇଥିଲା ଏବଂ ତା'ପରେ 2019-21 ମଧ୍ୟରେ 36 ରୁ 403 ଦିନର ବ୍ୟବଧାନ ପରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଛାତ୍ରୀଛାତ୍ରଙ୍କ ବ୍ୟାଙ୍କ ଖାତାକୁ ଏହି ରାଶି ଅନ୍ତରଣ କରିଥିଲେ ।

- ***ବିତରଣ ନହେବା*** : ଏସ୍ଏସ୍‌ଡି ବିଭାଗର ତିନିଟି ଏଚ୍ଏସ୍ଏସ୍‌ର ଅଧକ୍ଷମାନେ, 2018-21 ମଧ୍ୟରେ 138 ଜଣ ଛାତୀଛାତ୍ରଙ୍କୁ 13.70 ଲକ୍ଷ ଟଙ୍କା ପିଏମ୍ଏସ୍‌ର ରକ୍ଷଣାବେକ୍ଷଣ ଭତ୍ତା ଉପାଦାନ ପ୍ରଦାନ ନକରି ବିଦ୍ୟାଳୟ ଖାତାରେ ରଖିଥିଲେ, ଯଦିଓ ଛାତ୍ରୀଛାତ୍ରମାନେ ନିଜେ ମେସ୍‌ଗୁଡ଼ିକୁ ପରିଚାଳନା କରୁଥିଲେ ।

- ***ହସ୍ତ ପ୍ରସ୍ତୁତ ନିସ୍ତାରଣ ପତ୍ର ମାଧ୍ୟମରେ ବିତରଣ*** : ମାଥିଲି ଠାରେ ଥିବା ଏସ୍ଏସ୍ଡି ର ଏଚ୍ଏସ୍ଏସ୍ ର ଅଧକ୍ଷ, 2018-20 ମଧ୍ୟରେ 40 ଜଣ ଛାତ୍ରୀଛାତ୍ରଙ୍କୁ 4,97,700 ଟଙ୍କାର ରକ୍ଷଣାବେକ୍ଷଣ ଭତ୍ତା ନଗଦ ଆକାରରେ ହସ୍ତ ପ୍ରସ୍ତୁତ ନିସ୍ତାରଣ ପତ୍ର ମାଧ୍ୟମରେ ବିତରଣ କରିଥିଲେ, ଯଦିଓ ସମସ୍ତ ହିତାଧିକାରୀଙ୍କ ନାମରେ ବ୍ୟାଙ୍କ ଖାତା ରହିଥିଲା । ଏହା ଡିବିଟିର ମୂଳ ଉଦ୍ଦେଶ୍ୟକୁ ଉଲ୍ଲଙ୍ଘନ କରିଥିଲା ଏବଂ ଏହିପରି କାର୍ଯ୍ୟ ସହିତ ଜଡ଼ିତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପାଣ୍ଠିର ଦୁରୁପଯୋଗ ହେବାର ଆଶଙ୍କା ରହିଥିଲା ।

- ***ଅଧିକ ଦେୟ ପ୍ରଦାନ*** : ଏସ୍ଏସ୍ଡି ବିଭାଗର ମାର୍ଗଦର୍ଶିକା ଓ ଆଦେଶ ଅନୁଯାୟୀ ରକ୍ଷଣାବେକ୍ଷଣ ଭତ୍ତା (ଏମ୍ଏ) ଗୋଟିଏ ବର୍ଷରେ ସର୍ବାଧିକ 10 ମାସ ପାଇଁ ପ୍ରଦାନ କରାଯିବ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(ଏଚ୍ଏସ୍ଏସ୍) ଗୁଡ଼ିକର ହିତାଧିକାରୀ ମାନେ ପ୍ରତି ମାସରେ 1,000 ଟଙ୍କା ପାଇବାକୁ ହକ୍‌ଦାର ।

  ନଥିଗୁଡ଼ିକର ଯାଞ୍ଚରୁ ଅଡିଟ୍ ଲକ୍ଷ୍ୟ କଲେ ଯେ ମୟୁରଭଞ୍ଜ ଜିଲ୍ଲାର ଏସ୍ଏସ୍ଡି ଏଚ୍ଏସ୍ଏସ୍, ବାଦାମପାହାଡ଼ ଓ ଏସ୍ଏସ୍ଡି ଏଚ୍ଏସ୍ଏସ୍, ବନକାଟିର ଅଧକ୍ଷମାନେ 2019-20 ରେ ଯଥାକ୍ରମେ ଛାତ୍ରୀଛାତ୍ର ପ୍ରତି ମାସିକ 800 ଟଙ୍କା ହାରରେ 80 ଜଣ ଛାତ୍ରୀଛାତ୍ରଙ୍କୁ ତିନି ମାସ ପାଇଁ 1,92,000 ଟଙ୍କା ଓ ଛାତ୍ରୀଛାତ୍ର ପ୍ରତି 1,000 ଟଙ୍କା ହାରରେ 28 ଜଣ ଛାତ୍ରୀଛାତ୍ରଙ୍କୁ ତିନି ମାସ ପାଇଁ 84,000 ଟଙ୍କାର ରକ୍ଷଣାବେକ୍ଷଣ ଭତ୍ତା ପ୍ରଦାନ କରିଥିଲେ । ତଥାପି ଏହା ଲକ୍ଷ୍ୟ କରାଯାଇଥିଲା ଯେ 80 ରୁ 43 ଜଣ ଛାତ୍ରୀଛାତ୍ର ଏବଂ 28 ରୁ 16 ଛାତ୍ରୀଛାତ୍ରଙ୍କୁ 2019-20 ପାଇଁ ଛାତ୍ରୀଛାତ୍ର ପ୍ରତି ବାର୍ଷିକ 10,000 ଟଙ୍କା ହିସାବରେ ଆଗରୁ ପ୍ରଦାନ କରାଯାଇଥିଲା । ଏହାଦ୍ୱାରା ଅଗ୍ରୀମ ବାବଦରେ, 1,51,200 ଟଙ୍କା ଅଧିକ ପ୍ରଦାନ କରାଯାଇଥିଲା ।

ଅଡିଟ୍ ଲକ୍ଷ୍ୟ କଲେ ଯେ ଡିବିଟିର ପ୍ରବର୍ତ୍ତନ ସତ୍ତ୍ୱେ, ପିଏମ୍ଏସ୍‌ର ଉପାଦାନଗୁଡ଼ିକ ସଂପୃକ୍ତ ଅନୁଷ୍ଠାନ ଗୁଡ଼ିକ ମାଧ୍ୟମରେ ବିତରଣ ଜାରି ରହିଥିଲା । ଏଥିସହ, ଅନେକ ଛାତ୍ରୀଛାତ୍ରଙ୍କୁ ଦେୟ ନଦେବା ବ୍ୟତୀତ, ଠିକ୍ ସମୟରେ ଦେୟ ପ୍ରଦାନ କରାଯାଇ ନଥିଲା । ସେହି ଭାବରେ ପ୍ରତ୍ୟକ୍ଷ ଏବଂ ସମୟାନୁବର୍ତ୍ତୀ ଅନ୍ତରଣ ଏବଂ ପ୍ରଦାନ କରାଯିବାକୁ ଥିବା ସଠିକ୍ ପରିମାଣ ଭଳି ଡିବିଟିର ପାଳନ କରାଯିବାକୁ ଥିବା ଅନୁଶାସନ ଗୁଡ଼ିକୁ ପାଳନ କରାଯାଇନଥିଲା । ଏହିପରି ଠିକ୍ ସମୟରେ ଏବଂ ସଠିକ୍ ଦେୟ ପ୍ରଦାନ ଭଳି ଉଭୟ ଡିବିଟି ଏବଂ ପିଏମ୍ଏସ୍‌ର ଉଦ୍ଦେଶ୍ୟ ବିଫଳ ହୋଇଥିଲା ।

ଏସ୍ଏସ୍ଡି ବିଭାଗ ଉତ୍ତର ଦେଇଥିଲା (ସେପ୍ଟେମ୍ବର 2022) ଯେ, ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ସରକାରୀ ଆଇଟିଆଇ ଏବଂ ଡିପ୍ଲୋମା ଅନୁଷ୍ଠାନଗୁଡ଼ିକର ଛାତ୍ରୀଛାତ୍ରମାନଙ୍କ ପାଇଁ ପିଏମ୍ଏସ୍‌ର ପାଠ୍ୟକ୍ରମ/ ଅନ୍ୟାନ୍ୟ ଦେୟ ଉପାଦାନ ତଥା ଏସ୍ଏସ୍ଡି ଦ୍ୱାରା ପରିଚାଳିତ ବିଦ୍ୟାଳୟ ଗୁଡ଼ିକରେ ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କ ପାଇଁ ରକ୍ଷଣାବେକ୍ଷଣ ଭତ୍ତା, ଅନୁଷ୍ଠାନ ଗୁଡ଼ିକର ଖାତାରେ ଜମା କରାଯାଇଥିଲା । ଏହି ଉତ୍ତର ଗ୍ରହଣୀୟ ନଥିଲା, ଯେହେତୁ ସରକାରଙ୍କ ନିଷ୍ପତ୍ତି, ଡିବିଟି ବୃତ୍ତି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ସ୍ଥାନାନ୍ତର କରାଯିବା ନୀତିର ଉଲ୍ଲଙ୍ଘନ କରୁଥିଲା ।


***ସୁପାରିଶ 4.4:***
***ଆବଶ୍ୟକୀୟ ପ୍ରକ୍ରିୟାର ପୁର୍ନଗଠନ କରି ଏସ୍ଏସ୍ଡି ବିଭାଗ ସୁନିଶ୍ଚିତ କରିବା ଉଚିତ୍ ଯେ, ମଧ୍ୟବର୍ତ୍ତୀ ସ୍ତରମାନଙ୍କର ସଂପୃକ୍ତିକୁ ହଟାଇ ବୃତ୍ତି ରାଶି ପ୍ରତ୍ୟକ୍ଷ ଏବଂ ଠିକ୍ ସମୟରେ ଯୋଗ୍ୟ ଛାତ୍ରଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ଜମା ହେଉଛି ।***

### *4.5.5 ପିଏମ୍ଏସ୍ ଆବେଦନଗୁଡ଼ିକର ପ୍ରକ୍ରିୟାକରଣରେ ବିଳମ୍ବ*

ବିଦ୍ୟମାନ ପ୍ରକ୍ରିୟାକୁ ପୁନର୍ଗଠନ କରି ସମୟାନୁବର୍ତ୍ତୀ ଏବଂ ପ୍ରଭାବଶାଳୀ ଢଙ୍ଗରେ ହିତାଧିକାରୀମାନଙ୍କୁ ଲାଭ ପ୍ରଦାନ କରାଯିବା ବିଷୟ ଡିବିଟି ପାଇଁ ପ୍ରସ୍ତୁତ ଏସ୍ଓପିରେ ଉଲ୍ଲେଖ ଅଛି । ଅଡିଟ୍, 2017-18 ରୁ 2020-21

ମଧ୍ୟରେ ବିଜ୍ଞାପନ ଠାରୁ ଆରମ୍ଭ କରି ହିତାଧିକାରୀଙ୍କୁ ଦେୟ ପ୍ରଦାନ ପର୍ଯ୍ୟନ୍ତ 252 ଦିନର[32] ଜମାଯୁକ୍ତ ବିଳମ୍ବ ଲକ୍ଷ୍ୟ କରିଥିଲେ, ଯାହା ନିମ୍ନ ଚାର୍ଟରେ ଦର୍ଶାଯାଇଛି ।

***ଚାର୍ଟ 4.1: ପିଏମ୍ଏସ୍ ଆବେଦନ ଗୁଡ଼ିକର ପ୍ରକ୍ରିୟାକରଣର ବିଭିନ୍ନ ପର୍ଯ୍ୟାୟରେ ବିଳମ୍ବ (ଦିନରେ)***




***(ଉତ୍ସ: ଏସ୍ଏସ୍ଡି ବିଭାଗର ନଥିପତ୍ର ଏବଂ ଆଇଏଫ୍ଏମ୍ଏସ୍ ଡାଟାବେସ୍)***

ପ୍ରତି ସ୍ତରରେ ବିଳମ୍ବ ବିଷୟ ପରବର୍ତ୍ତୀ ପ୍ରସଙ୍ଗ ଗୁଡ଼ିକରେ ଆଲୋଚନା କରାଯାଇଛି ।

- ***ବିଜ୍ଞାପନ ଦେବାରେ ବିଳମ୍ବ :*** ଯଦିଓ ପିଏମ୍ଏସ୍ ନିର୍ଦ୍ଦେଶାବଳୀ, ମଇ ଏବଂ ଜୁନ୍ ମାସ ମଧ୍ୟରେ ବିଜ୍ଞାପନ ଦିଆଯିବା ପାଇଁ ନିର୍ଦ୍ଧାରଣ କରିଥିଲା । ବିଭାଗ ଦ୍ୱାରା ସେଗୁଡ଼ିକ ପାଠ୍ୟ ବର୍ଷ ଆରମ୍ଭ (ଜୁଲାଇ) ପରେ ଯଥା ସେପ୍ଟେମ୍ବର (2017-18), ଜୁଲାଇ (2018-19), ନଭେମ୍ବର (2019-20) ଏବଂ ନଭେମ୍ବର (2020-21) ମାସ ଗୁଡ଼ିକରେ ଦିଆଯାଇଥିଲା । ଏହା ଫଳରେ ପାଠ୍ୟ ବର୍ଷ ଅବଧି ଆରମ୍ଭ ଏବଂ ବିଜ୍ଞାପନ ପ୍ରକାଶନର ସମୟ ମଧ୍ୟରେ ହାରାହାରି 82 ଦିନର ବିଳମ୍ବ ଘଟିଥିଲା, ଯାହାକି ବୃତ୍ତି ଦେୟ ପ୍ରଦାନର ସମଗ୍ର ପ୍ରକ୍ରିୟା ଉପରେ ବ୍ୟାପକ ପ୍ରଭାବ ପକାଇଥିଲା ।

- ***ବିଲ୍ ପ୍ରସ୍ତୁତିରେ ବିଳମ୍ବ:*** ଅଡିଟ୍, ଏସ୍ଏସ୍ଡି ବିଭାଗରେ 420 ବିଲ୍ ପରୀକ୍ଷା କରିଥିଲା ଏବଂ ଲକ୍ଷ୍ୟ କରିଥିଲା ଯେ 35 ( 8 ପ୍ରତିଶତ) ବିଲ୍ ବାବଦରେ, ଗୋଟିଏ ନିର୍ଦ୍ଦିଷ୍ଟ ବର୍ଷର ବିଲ୍ ଗୁଡ଼ିକ ସମ୍ପୂର୍ଣ୍ଣ ପାଠ୍ୟ ବର୍ଷ ଶେଷ ହେଲା ପରେ, ପରବର୍ତ୍ତୀ ବର୍ଷଗୁଡ଼ିକରେ ପ୍ରସ୍ତୁତ କରାଯାଇଥିଲା, ଯାହା ନିମ୍ନ ସାରଣୀରେ ସଂକ୍ଷିପ୍ତ ଭାବରେ ଦର୍ଶାଯାଇଛି ।

***ସାରଣୀ 4.10: ପରବର୍ତ୍ତୀ ବର୍ଷ ଗୁଡ଼ିକରେ ପ୍ରସ୍ତୁତ ହୋଇଥିବା ପିଏମ୍ଏସ୍ ବିଲ୍***

| ପିଏମ୍ଏସ୍ ବର୍ଷ | ବର୍ଗ | ବିଲ୍ ସଂଖ୍ୟା | ବିଲ୍ ପ୍ରସ୍ତୁତ ତାରିଖ | ବିଲ୍ ପରିମାଣ (ଟଙ୍କା କୋଟିରେ) |
|---|---|---|---|---|
| 2017-18 | ଏସ୍ସି | 8 | ଅପ୍ରେଲ ରୁ ଜୁନ୍ 2018 | 53.11 |
| | ଏସ୍ଟି | 5 | ଅପ୍ରେଲ ରୁ ଜୁନ୍ 2018 | 24.80 |
| 2018-19 | ଏସ୍ସି | 15 | ଜୁନ୍ ରୁ ନଭେମ୍ବର 2019 | 10.15 |
| | ଏସ୍ଟି | 5 | ମଇ ରୁ ନଭେମ୍ବର 2019 | 7.65 |
| 2019-20 | ଏସ୍ସି | 2 | ଜୁଲାଇ 2020 | 7.61 |
| **ମୋଟ** | | **35** | | **103.32** |

***(ଉତ୍ସ: ଏସ୍ଏସ୍ଡି ବିଭାଗର ନଥିପତ୍ରଗୁଡ଼ିକ)***

- ***ଡିଡବ୍ଲୁଓ ମାନଙ୍କ ଦ୍ୱାରା ଅନୁମୋଦନରେ ବିଳମ୍ବ :*** ପ୍ରତ୍ୟେକ ସ୍ତର ଯଥା ଆବେଦନଗୁଡ଼ିକର ଯାଞ୍ଚ ପାଇଁ ଅନୁଷ୍ଠାନ ସ୍ତର, ଯାଞ୍ଚ ଓ ଅନୁମୋଦନ ପାଇଁ ଡିଡବ୍ଲୁଓ ସ୍ତର, ଇତ୍ୟାଦି ପାଇଁ ପିଏମ୍ଏସ୍ ଆବେଦନ ଯାଞ୍ଚ ପାଇଁ ତାରିଖର ସୀମା ସ୍ଥିର କରିଥିଲେ । 2018-21 ମଧ୍ୟରେ ଡିଡବ୍ଲୁଓ ଗୁଡ଼ିକ ତାରିଖ ସୀମା ପର୍ଯ୍ୟନ୍ତ ଆବେଦନ ଗୁଡ଼ିକୁ ବିଚାରାଧୀନ ରଖିଥିଲେ ଏବଂ ପରବର୍ତ୍ତୀ ସମୟରେ ବିଭାଗ ଦ୍ୱାରା ଧାର୍ଯ୍ୟ ହୋଇଥିବା ତାରିଖ ସୀମା ଠାରୁ 36-60 ଦିନ ବିଳମ୍ବ ସହିତ ଆବେଦନ ଗୁଡ଼ିକୁ ବହୁଳ ଭାବରେ ପ୍ରକ୍ରିୟାକରଣ କରିଥିଲେ । ବିଳମ୍ବ ବ୍ୟତୀତ, ଆବେଦନ ଗୁଡ଼ିକର ବହୁଳ ମଞ୍ଜୁରୀ ହେତୁ, ଯାଞ୍ଚରେ ସ୍ୱଚ୍ଛତା ଏବଂ

[32] 82+48+117+5

ଅଯୋଗ୍ୟ ହିତାଧିକାରୀମାନଙ୍କୁ ଦେୟ ପ୍ରଦାନ ସହିତ ବିଲ୍ ଗୁଡ଼ିକର ମଞ୍ଜୁରୀରେ ବିଳମ୍ବ ଭଳି ଆଶଙ୍କା ସ୍ୱଷ୍ଟ ହୋଇଥାଏ । ନିମ୍ନ ସାରଣୀରେ 2018-21 ମଧ୍ୟରେ ପିଏମ୍ଏସ୍ ଆବେଦନ ଗୁଡ଼ିକର ଯାଞ୍ଚରେ ବିଳମ୍ବର ସଂକ୍ଷିପ୍ତ ବିବରଣୀ ପ୍ରଦର୍ଶିତ ହୋଇଛି ।

***ସାରଣୀ 4.11: ଡିଡବ୍ଲୁଓ ମାନଙ୍କ ଦ୍ୱାରା ପିଏମ୍ଏସ୍ ମଞ୍ଜୁରୀରେ ବିଳମ୍ବ***

| ବର୍ଷ | ବର୍ଗ | ଆବେଦନ ତାରିଖ | ଡିଡବ୍ଲୁଓ ଦ୍ୱାରା ମଞ୍ଜୁରୀର ଅନୁସୂଚିତ ତାରିଖ | ଡିଡବ୍ଲୁଓ ଦ୍ୱାରା ବାସ୍ତବ ମଞ୍ଜୁରୀ ତାରିଖ | ଡିଡବ୍ଲୁଓ ଦ୍ୱାରା ଦିନ ହିସାବରେ ମଞ୍ଜୁରୀରେ ବିଳମ୍ବ |
|---|---|---|---|---|---|
| 2018-19 | SC | 31-12-2018 | 31-01-2019 | 01-04-2019 | 60 |
| 2018-19 | ST | 31-12-2018 | 31-01-2019 | 01-04-2019 | 60 |
| 2019-20 | SC | 30-11-2019 | 31-01-2020 | 15-03-2020 | 43 |
| 2019-20 | ST | 30-11-2019 | 31-01-2020 | 15-03-2020 | 43 |
| 2020-21 | SC | 15-02-2021 | 15-02-2021 | 23-03-2021 | 37 |
| 2020-21 | ST | 15-02-2021 | 15-02-2021 | 22-03-2021 | 36 |

***(ଉତ୍ସ: ଏସ୍ଏସ୍ଡି ବିଭାଗର ନଥିପତ୍ର ଗୁଡ଼ିକ)***

ଏହିପରି ଭାବରେ, ଡିଡବ୍ଲୁଓମାନଙ୍କ ଦ୍ୱାରା ପିଏମ୍ଏସ୍ ଆବଦେନଗୁଡ଼ିକର ଯାଞ୍ଚ ପାଇଁ ଧାର୍ଯ୍ୟ ସମୟ ସୀମା ପାଳନ କରାଯାଉ ନଥିଲା, ଯାହାଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ଦେୟ ପ୍ରଦାନରେ ବିଳମ୍ବ ହେଉଥିଲା ।

- ***ଦେୟ ପ୍ରକ୍ରିୟାକରଣରେ ବିଳମ୍ବ :*** ଡିଡିଓ ଦ୍ୱାରା ଆଇଏଫ୍ଏମ୍ଏସ୍‌ରେ ବିଲ୍ ଅପ୍‌ଲୋଡ୍ ହେବା ପରେ, ସିଷ୍ଟମ ପ୍ରତ୍ୟେକ ବିଲ୍ ପାଇଁ ସ୍ୱୟଂଚାଳିତ ଭାବରେ ଟୋକନ୍ ନମ୍ବର ସୃଷ୍ଟି କରେ । ଏହାପରେ, ବିଲ୍ ଗୁଡ଼ିକ ଟ୍ରେଜେରୀରେ ବିଭିନ୍ନ ଅଧିକାରୀଙ୍କ ଦ୍ୱାରା ଅନ୍‌ଲାଇନରେ ପ୍ରକ୍ରିୟାକରଣ କରାଯାଏ ଏବଂ ହିତାଧିକାରୀଙ୍କ ଖାତାକୁ ଦେୟ ପ୍ରଦାନ ପାଇଁ ଟ୍ରେଜେରୀ ଅଧିକାରୀଙ୍କ ଦ୍ୱାରା ପାସ୍ କରାଯାଇଥାଏ, ଯାହା ***ଚିତ୍ର 4.5*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

***ଚିତ୍ର 4.5: ଆଇଏଫ୍ଏମ୍ଏସ୍‌ର ଦେୟ ପ୍ରଦାନର କାର୍ଯ୍ୟପ୍ରବାହ***

ଡିଡିଓ ଆଇଏଫ୍ଏମ୍ଏସ୍ ରେ ବିଲ୍ ପ୍ରସ୍ତୁତ କରନ୍ତି, ମାନୁଆଲ୍ ଭାବେ ପ୍ରସ୍ତୁତ ମଞ୍ଜୁରୀ ଆଦେଶ ବିଲ୍ ସହିତ ସଂଲଗ୍ନ ହୋଇଥାଏ, ହିତାଧିକାରୀ ତାଲିକା ଆଇଏଫ୍ଏମ୍ଏସ୍ ରେ ଅପ୍‌ଲୋଡ୍ ହୁଏ ଏବଂ ଅନ୍‌ଲାଇନରେ ସଂପୃକ୍ତ ଟ୍ରେଜେରୀକୁ ପଠାଯାଏ । ଆହୁରି ମଧ୍ୟ, ଅଧିକ ପ୍ରକ୍ରିୟାକରଣ ପାଇଁ ଏକ ହାର୍ଡ କପି ମଧ୍ୟ ପଠାଯାଏ । ଓଏସ୍ଏସ୍‌ପି ରେ ପ୍ରକ୍ରିୟାଟି ***ଚିତ୍ର 4.1*** ରେ ବର୍ଣ୍ଣିତ ହୋଇଛି ।

↓

ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ଆଇଏଫ୍ଏମ୍ଏସ୍‌ର ସଂପୃକ୍ତ ଟ୍ରେଜେରୀ ଅଫିସର (ଟିଓ) ଇଣ୍ଟରଫେସ୍‌ରେ ସଫଳତାର ସହିତ ଦାଖଲ ହୋଇଥିବା ବିଲ୍ ଉପଲବ୍ଧ ହୁଏ ମାନୁଆଲ୍ ବିଲ୍ ପାଇବା ପରେ ଟ୍ରେଜେରୀ ପ୍ରକ୍ରିୟାକରଣ କରେ ।

↓

ଟ୍ରେଜେରୀ ଅଫିସର ବିଲକୁ ପ୍ରକ୍ରିୟାକରଣ କରନ୍ତି ।

↓

ଅନୁମୋଦନ ପରେ ଦେୟ ପ୍ରଦାନ ପରାମର୍ଶ ସୃଷ୍ଟି ହୁଏ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ ପ୍ରକ୍ରିୟାକରଣ କେନ୍ଦ୍ର (ସିଇପିସି) କୁ ପଠାଯାଏ, ଯାହା ପରବର୍ତ୍ତୀ ସମୟରେ ପରାମର୍ଶ ଫାଇଲ୍ ସୃଷ୍ଟି କରି ଭାରତୀୟ ରିଜର୍ଭ ବ୍ୟାଙ୍କକୁ (ଆରବିଆଇ) ପଠାଇଥାଏ ।

↓

ଭାରତୀୟ ରିଜର୍ଭ ବ୍ୟାଙ୍କକୁ ପରାମର୍ଶ ପଠାଯିବା ପରେ ସିଇପିସି ଦ୍ୱାରା ହିତାଧିକାରୀଙ୍କୁ ଏସ୍ଏମ୍ଏସ୍ ପଠାଯାଇଥାଏ ।

↓

ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦେୟ ପ୍ରଦାନ କରାଯାଏ

2017-21 ଅବଧି ପାଇଁ ଆଇଏଫ୍‌ଏମ୍‌ଏସ୍ ଡାଟାବେସ୍‌ର ବିଶ୍ଳେଷଣରୁ ଜଣା ପଡ଼ିଥିଲା ଯେ ଏସ୍‌ଏସ୍‌ଡି ବିଭାଗ ସ୍ତରରେ ଆଇଏଫ୍‌ଏମ୍‌ଏସ୍ ବ୍ୟବସ୍ଥା ମଧ୍ୟରେ ବୃତ୍ତି ପ୍ରଦାନ ପାଇଁ ବିଲ୍ ଅପ୍‌ଲୋଡ୍ କରିବାରେ ଅଯଥା ବିଳମ୍ବ ଘଟିଥିଲା ଫଳରେ ଟୋକନ୍ ସୃଷ୍ଟିରେ ବିଳମ୍ବ ଘଟିଥିଲା ।

ସମୀକ୍ଷା, ନମୁନା ହୋଇଥିବା ଆଠଟି ଜିଲ୍ଲାରେ ଓବିସି/ ଇବିସି ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ 80 ଟି ପିଏମ୍‌ଏସ୍ ବିଲ୍ ପରୀକ୍ଷା କରି ଜାଣିବାକୁ ପାଇଥିଲା ଯେ 49 ଟି ବିଲ୍ (61 ପ୍ରତିଶତ) କ୍ଷେତ୍ରରେ ମଞ୍ଜୁରୀ ଏବଂ ଦେୟ ପ୍ରକ୍ରିୟାରେ ବିଳମ୍ବ ହୋଇଥିଲା । ଜିଲ୍ଲା ସ୍ତରରେ ବିଲ୍ ତାରିଖରୁ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଇବା ସମୟ ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ 4.12: ଓବିସି/ ଇବିସି ଛାତ୍ରୀଛାତ୍ରଙ୍କୁ ଦେୟ ପାଇଁ ବିଭିନ୍ନ ପର୍ଯ୍ୟାୟରେ ନିଆଯାଇଥିବା ସମୟ***

| କ୍ର.ସଂ. | ଜିଲ୍ଲା | ଯାଞ୍ଚ କରାଯାଇଥିବା ବିଲ୍‌ର ସଂଖ୍ୟା | ବିଳମ୍ବ ସହ ପ୍ରକ୍ରିୟାକୃତ ବିଲ୍‌ର ସଂଖ୍ୟା | ବିଲ୍ ତାରିଖରୁ ଛାତ୍ରୀଛାତ୍ରଙ୍କ ଖାତାକୁ ପଠାଯିବା ପର୍ଯ୍ୟନ୍ତ ସମୟ (ଦିନରେ) | ବିଲ୍ ତାରିଖରୁ ଦେୟ ତାରିଖ ପର୍ଯ୍ୟନ୍ତ ନିଆଯାଇଥିବା ମଧ୍ୟମ ସମୟ |
|---|---|---|---|---|---|
| 1 | ବଲାଙ୍ଗୀର | 9 | 9 | 9-343 | 71 |
| 2 | ଗଜପତି | 10 | 7 | 1-135 | 93 |
| 3 | ଝାରସୁଗୁଡ଼ା | 7 | 7 | 4-238 | 12 |
| 4 | କଳାହାଣ୍ଡି | 11 | 8 | 2-28 | 23 |
| 5 | ମାଲକାନଗିରି | 8 | 1 | 4-164 | 10 |
| 6 | ମୟୁରଭଞ୍ଜ | 13 | 8 | 3-254 | 7 |
| 7 | ନୟାଗଡ଼ | 11 | 5 | 3-71 | 7 |
| 8 | ସୁନ୍ଦରଗଡ଼ | 11 | 4 | 4-34 | 21 |
| | **ମୋଟ** | **80** | **49** | -- | -- |

***(ଉତ୍ସ: ନମୁନା ଜିଲ୍ଲା ଗୁଡ଼ିକର ଡିଡବ୍ଲୁଓର ନଥିପତ୍ରଗୁଡ଼ିକ)***

ଏହିପରି, ବିଭିନ୍ନ ପର୍ଯ୍ୟାୟରେ ବିଲ୍‌ର ପ୍ରକ୍ରିୟାକରଣରେ ଅଯଥା ବିଳମ୍ବ, ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ଦେୟ ପ୍ରଦାନ କରିବାରେ ସାମଗ୍ରିକ ବିଳମ୍ବ ସହିତ ମିଶିଥିଲା ଯାହାକି ଶେଷରେ ଠିକ୍ ସମୟରେ ଦେୟର ପ୍ରଦାନ ଭଳି ଡିବିଟିର ଉଦ୍ଦେଶ୍ୟକୁ ବିଫଳ କରିଥିଲା ।

କାରବାରରେ ବିଫଳତା କ୍ଷେତ୍ରରେ, ରାଶିଗୁଡ଼ିକ ଟ୍ରେଜେରୀ ସସ୍‌ପେନ୍ସ ମେଜର ହେଡ୍ 8658 ରେ ପ୍ରାପ୍ତି ଭାବେ ଜମା ହୋଇଥାଏ ଏବଂ ହିତାଧିକାରୀଓ୍ୱାରୀ ବିଫଳ ବିବରଣୀ ଆଇଏଫ୍‌ଏମ୍‌ଏସ୍‌ର ଡିଡିଓ ଲଗ୍‌ଇନ୍‌ରେ ଉପଲବ୍ଧ ହୋଇଥାଏ । ଡିଡିଓ ହିତାଧିକାରୀଙ୍କ ବିଫଳ ଆକାଉଣ୍ଟ ବିବରଣୀକୁ ସଂଶୋଧନ କରନ୍ତି ଏବଂ ଆଇଏଫ୍‌ଏମ୍‌ଏସ୍‌ରେ ସୁରକ୍ଷିତ କରନ୍ତି । ଏହାପରେ, ଟ୍ରେଜେରୀ ଅଫିସର ଡିଡିଓ ଭାବରେ ଆଇଏଫ୍‌ଏମ୍‌ଏସ୍‌ରେ ଫେରସ୍ତ ବିଲ୍ ପ୍ରସ୍ତୁତ କରନ୍ତି । ଅନୁମୋଦନ ହେଲା ପରେ ଦେୟ ପ୍ରଦାନ ପରାମର୍ଶ ସୃଷ୍ଟି ହୁଏ ଏବଂ କେନ୍ଦ୍ରୀୟ ଇଲେକ୍ଟ୍ରୋନିକ୍ କେନ୍ଦ୍ରକୁ ପଠାଯାଏ ଯାହା ପରାମର୍ଶ ଫାଇଲ ସୃଷ୍ଟି କରେ ଓ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)କୁ ପଠାଇଥାଏ । ସିଇପିସି ଦ୍ୱାରା ଆର୍‌ବିଆଇକୁ ପରାମର୍ଶଟି ପଠାଯିବା ଏବଂ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଦେୟ ପ୍ରଦାନ କରାଯିବା ପରେ ହିତାଧିକାରୀଙ୍କ ନିକଟକୁ ଏସ୍‌ଏମ୍‌ଏସ୍ ପଠାଯାଏ ।

ସମୀକ୍ଷାର ଟିପ୍ପଣୀଗୁଡ଼ିକୁ ଗ୍ରହଣ କରି ଏସ୍‌ଏସ୍‌ଡି ବିଭାଗ ବ୍ୟକ୍ତ କଲେ (ସେପ୍ଟେମ୍ବର 2022) ଯେ ପୋର୍ଟାଲରେ ଆବଶ୍ୟକୀୟ ପରିବର୍ତ୍ତନର ଆବଶ୍ୟକତା ଏବଂ ଏହାର ଅନୁପାଳନ ପାଇଁ କିଛି ବିଳମ୍ବ ଘଟିଥିଲା । ଏହି ଉଦ୍ଦେଶ୍ୟ ପାଇଁ ସଫ୍ଟୱେୟାର ପରିବର୍ତ୍ତନ ଏବଂ ଅଦ୍ୟତନ ପାଇଁ ଏନ୍‌ଆଇସି ସହିତ ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ କିଛି ସଂଶୋଧନ ବିଚାରାଧୀନ ଥିଲା ।

### ***4.5.6 ପିଏମ୍‌ଏସ୍‌ରେ ବକେୟା ଦେୟ ପ୍ରଦାନରେ ବିଳମ୍ବ***

ବିଭିନ୍ନ ପର୍ଯ୍ୟାୟରେ ବିଳମ୍ବ ଯଥା ବିଜ୍ଞାପନ ଦେବା, ମଧ୍ୟସ୍ଥି ସ୍ତରରେ ଯାଞ୍ଚ, ବିଭାଗ ସ୍ତରରେ ବିଲ୍ ପ୍ରସ୍ତୁତି, ଟ୍ରେଜେରୀ ସ୍ତରରେ ଦେୟରେ ବିଳମ୍ବ, ବିଫଳ କାରବାରର ବୈଧତା ନିରୂପଣ ଇତ୍ୟାଦି, ହେତୁ ଛାତ୍ରୀଛାତ୍ରମାନଙ୍କୁ ପିଏମ୍‌ଏସ୍ ବିତରଣରେ ବିଳମ୍ବ ହୋଇଥିଲା । ସମୀକ୍ଷା ଲକ୍ଷ୍ୟ କରିଥିଲେ ଯେ 70,037 ଜଣ ଛାତ୍ରୀଛାତ୍ରଙ୍କୁ 150.97 କୋଟି

ଟଙ୍କାର ପିଏମ୍ଏସ୍, 365 ରୁ 1,460 ଦିନର ବିଳମ୍ବ ପରେ ପ୍ରଦାନ କରାଯାଇଥିଲା ଯାହା ନିମ୍ନ ସାରଣୀରେ ଦର୍ଶାଯାଇଛି ।

***ସାରଣୀ 4.13: ପିଏମ୍ଏସ୍ ଅଧୀନରେ ବୃତ୍ତିର ବକେୟ ଦେୟ ପ୍ରଦାନ***

| ବିତରଣ ବର୍ଷ | ପିଏମ୍ଏସ୍‌ର ଅବଧି | ବର୍ଗ ଅନୁଯାୟୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଏବଂ ପିଏମ୍ଏସ୍‌ର ରାଶି ପରିମାଣ | | |
|---|---|---|---|---|
| | | ବର୍ଗ | ସଂଖ୍ୟା | ପରିମାଣ (ଟଙ୍କା କୋଟିରେ) |
| 2017-18 | 2012-13 ରୁ 2016-17 | ଏସ୍‌ସି | 3,737[33] | 11.46 |
| | | ଏସ୍‌ଟି | 2,583[34] | 6.43 |
| 2018-19 | 2014-15 ରୁ 2017-18 | ଏସ୍‌ସି | 24,313[35] | 58.86 |
| | | ଏସ୍‌ଟି | 14,258[36] | 28.19 |
| 2019-20 | 2015-16 ରୁ 2018-19 | ଏସ୍‌ସି | 1,774 | 4.51 |
| | | ଏସ୍‌ଟି | 1,253 | 3.28 |
| 2020-21 | 2016-17 ରୁ 2019-20 | ଏସ୍‌ସି | 11,681[37] | 23.97 |
| | | ଏସ୍‌ଟି | 10,438[38] | 14.27 |
| ମୋଟ | | | **70,037** | **150.97** |

***(ଉତ୍ସ: ଏସ୍ଏସ୍‌ଡି ବିଭାଗର ନଥିପତ୍ର ଗୁଡ଼ିକ)***

ଅଭାବୀ ଛାତ୍ରୀଛାତ୍ରମାନଙ୍କୁ ସେମାନଙ୍କର ଶିକ୍ଷା ଉଦ୍ଦେଶ୍ୟରେ ଖର୍ଚ୍ଚ ତୁଲାଇବା ପାଇଁ ଠିକ୍ ସମୟରେ ସହାୟତା କରିବା ହେଉଛି ପିଏମ୍ଏସ୍‌ର ଉଦ୍ଦେଶ୍ୟ । ତେଣୁ ପିଏମ୍ଏସ୍ ବିତରଣରେ ଏହିପରି ଅଯଥା ବିଳମ୍ବ ଏବଂ ବାସ୍ତବରେ ପାଠ୍ୟକ୍ରମ ଅବଧି ପରେ ବିତରଣ, ଯୋଜନାର ଉଦ୍ଦେଶ୍ୟକୁ ପ୍ରତିହତ କରିଥିଲା । ଏହା ମଧ୍ୟ ଭବିଷ୍ୟତରେ ଏହି ବୃତ୍ତି ପାଇଁ ଆବେଦନ କରିବାକୁ ଥିବା ଯୋଜନାର ସମ୍ଭାବ୍ୟ ହିତାଧିକାରୀଙ୍କୁ ନିରୁତ୍ସାହିତ କରିଥିଲା । ଏହିପରି ଭାବରେ ଠିକ୍ ସମୟରେ ବୃତ୍ତି ଦେୟ ପ୍ରଦାନ ନିଶ୍ଚିତ କରାଇବାରେ ଡିବିଟିର ପ୍ରବର୍ତ୍ତନ ପ୍ରାୟତଃ ହାସଲ ହୋଇନଥିଲା ।

ସମୀକ୍ଷାର ଅବଲୋକନକୁ ଗ୍ରହଣ କରି ଏସ୍ଏସ୍‌ଡି ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ ଏକ ନିର୍ଦ୍ଦିଷ୍ଟ ବର୍ଷର ଶେଷ ତ୍ରୈମାସିକର ଶେଷ ଭାଗରେ ଆବେଦନ ଗୁଡ଼ିକ ମଞ୍ଜୁର ହୋଇଥିଲା ଏବଂ ସମୟ ସୀମା ମଧ୍ୟରେ ଦେୟ ପ୍ରଦାନ ପାଇଁ ପ୍ରକ୍ରିୟାକରଣ ହୋଇପାରି ନଥିଲା ।

## 4.6 ମେଧାବୃତ୍ତି ପାଇଁ ଆବଶ୍ୟକୀୟ ପ୍ରକ୍ରିୟା ପୁନର୍ଗଠନର ଅଭାବ

ମେଧାବୃତ୍ତି ବୃତ୍ତି ଅନୁଦାନ ପାଇଁ ଆବେଦନଗୁଡ଼ିକ ବର୍ଷକୁ ଥରେ ଆମନ୍ତ୍ରିତ ହୁଏ ଏବଂ ଏହା ଛାପା ଗଣମାଧ୍ୟମ, ଇ-ମେଧାବୃତ୍ତି ପୋର୍ଟାଲ ଏବଂ ଉଚ୍ଚଶିକ୍ଷା ବିଭାଗର ୱେବ୍ ସାଇଟରେ ପ୍ରକାଶିତ ହୁଏ । ଏହି ବିଷୟରେ ବିଜ୍ଞପ୍ତି, ଯଦିଓ ବିଜ୍ଞାପନ ପ୍ରକାଶନ ପାଇଁ ନିର୍ଦ୍ଦେଶାବଳୀରେ କୌଣସି ସମୟସୀମା ସ୍ଥିର କରାଯାଇ ନଥିଲା, ପ୍ରତିଷ୍ଠାନ ସ୍ତରରେ ଆବେଦନ ଗୁଡ଼ିକର ବୈଧତା ନିର୍ଦ୍ଧାରଣ ଏବଂ ଓସିଏସି ଦ୍ୱାରା, ସରକାରଙ୍କ ନିକଟରେ ବୈଧ ତାଲିକା ଦାଖଲ ପାଇଁ ତାରିଖ ସୀମା ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିଲା । ଅଧିକନ୍ତୁ, ନିର୍ଦ୍ଦେଶାବଳୀ ଅନୁଯାୟୀ, କେବଳ ଯାଞ୍ଚ ହୋଇଥିବା ଅନ୍‌ଲାଇନ୍ ଆବେଦନଗୁଡ଼ିକ ଅନୁମୋଦନ ପାଇଁ ବିବେଚନା କରାଯାଏ ଏବଂ ଭୌତିକ ଆବେଦନ ଗୁଡ଼ିକ ଗ୍ରହଣୀୟ ହୁଏ ନାହିଁ ।

ସମୀକ୍ଷା ଅବଲୋକନ କରିଥିଲେ ଯେ ମେଧାବୃତ୍ତିକୁ ଡିବିଟି ଯୋଜନା ଭାବରେ ଗ୍ରହଣ କରାଯିବା ପରେ ମଧ୍ୟ ବିଭାଗ ଇ-ମେଧାବୃତ୍ତିର ମଧ୍ୟସ୍ଥି ସ୍ତର ହ୍ରାସ କରିବା ପାଇଁ ଇ-ମେଧାବୃତ୍ତି ସଫ୍ଟୱେୟାରରେ ଆବଶ୍ୟକୀୟ ପ୍ରକ୍ରିୟା

---

[33] ଅନୁସୂଚିତ ଜାତି ହିତାଧିକାରୀ: 2012-13: 01; 2014-15: 56; 2014-15 ଓ 2015-16: 02; 2015-16: 82; 2015-16 ଓ 2016-17: 05 ଏବଂ 2016-17: 3,591

[34] ଅନୁସୂଚିତ ଜନଜାତି ହିତାଧିକାରୀ:2012-13: 22; 2013-14: 36; 2015-16: 92; 2015-16: 48; 2015-16 ଏବଂ 2016-17: 01 ଏବଂ 2016-17: 2,379

[35] ଅନୁସୂଚିତ ଜାତି ହିତାଧିକାରୀ: 2014-15: 03; 2014-15 ଓ 2015-16: 01; 2015-16: 03; 2016-17: 631 ଏବଂ 2017-18: 23,675

[36] ଅନୁସୂଚିତ ଜନଜାତି ହିତାଧିକାରୀ: 2015-16: 01; 2016-17:3,454 ଏବଂ 2017-18:10,803

[37] ଅନୁସୂଚିତ ଜାତି ହିତାଧିକାରୀ: 2016-17: 04; 2017-18: 29; 2018-19: 434 ଏବଂ 2019-20: 11,214

[38] ଅନୁସୂଚିତ ଜନଜାତି ହିତାଧିକାରୀ: 2016-17 ଓ 2017-18: 01; 2017-18: 20; 2018-19: 163 ଏବଂ 2019-20: 10,254.


ପୁନର୍ଗଠନ ଦ୍ୱାରା କୌଣସି ଚେଷ୍ଟା କରିନଥିଲା କିମ୍ବା ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କୁ ବୃତ୍ତି ପ୍ରଦାନ କରିବା ଦିଗରେ ବିଳମ୍ବକୁ ଦୂର କରିବାରେ ପଦକ୍ଷେପ ଗ୍ରହଣ କରିନଥିଲେ ।

ଉଚ୍ଚଶିକ୍ଷା ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ, ମଧ୍ୟସ୍ଥି ସ୍ତରକୁ ହ୍ରାସ କରିବା ପାଇଁ ସରକାର ଅପ୍ରେଲ 2021 ରୁ ଏକ ନୂତନ ପୋର୍ଟାଲ (ଓଏସ୍ଏସ୍ପି) ପ୍ରବର୍ତ୍ତନ କରିଥିଲେ । ଏହି ଉତ୍ତର ସମର୍ଥନୀୟ ନଥିଲା କାରଣ ଆବେଦନଗୁଡ଼ିକର ଯାଞ୍ଚରେ ଏବଂ ଛାତ୍ରୀଛାତ୍ରମାନଙ୍କର ବ୍ୟାଙ୍କ ଖାତାରେ ବୃତ୍ତି ବିତରଣରେ ମଧ୍ୟ ବିଳମ୍ବ ହୋଇଥିଲା ।

### *4.6.1 ମେଧାବୃତ୍ତି ଆବେଦନ ପ୍ରକ୍ରିୟାକରଣରେ ବିଳମ୍ବ*

2017-18 ରୁ 2019-20 ଅବଧିରେ 90,484 ଛାତ୍ରୀଛାତ୍ରଙ୍କୁ 73.40 କୋଟି ଟଙ୍କାର ମେଧାବୃତ୍ତି ପ୍ରଦାନ କରାଯାଇଥିଲା । ସମୀକ୍ଷା ବିଶ୍ଳେଷଣରୁ ଜଣାଗଲା ଯେ 59,436 ଜଣ ଛାତ୍ରୀଛାତ୍ର (66 ପ୍ରତିଶତ)କୁ 98 ରୁ 203 ଦିନର ହାରାହାରି ବିଳମ୍ବ (ମଧ୍ୟମା ମୂଲ୍ୟ) ରେ ବୃତ୍ତି ବିତରଣ କରାଯାଇଥିଲା, ଯାହା ***ଚାର୍ଟ 4.2*** ରେ ଦର୍ଶାଯାଇଛି:

***ଚାର୍ଟ 4.2***: *ମେଧାବୃତ୍ତି ଦେୟରେ ବିଳମ୍ବ*





ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ମେଧାବୃତ୍ତିର ଆବେଦନ ଗୁଡ଼ିକର ପ୍ରକ୍ରିୟାକରଣ ପାଇଁ ମେଧାବୃତ୍ତି ଯୋଜନାର ପ୍ରକ୍ରିୟା ପ୍ରବାହ ଚୂଡ଼ାନ୍ତ ବିତରଣ ପୂର୍ବରୁ, ବିଭିନ୍ନ ସ୍ତରକୁ (***ଚିତ୍ର 4.2***) ଅନ୍ତର୍ଭୁକ୍ତ କରେ । ଏହା ଲକ୍ଷ୍ୟକରାଯାଇଥିଲା ଯେ ବିଭିନ୍ନ ସ୍ତରରେ ବିଳମ୍ବ ହୋଇଥିଲା, ଯାହା ***ପରିଶିଷ୍ଟ 4.1*** ରେ ସଂକ୍ଷିପ୍ତ ଭାବରେ ଦର୍ଶାଯାଇଛି ।

ଏହି ପରିପ୍ରେକ୍ଷୀରେ ସମୀକ୍ଷା ନିମ୍ନଲିଖିତ ବିଷୟଗୁଡ଼ିକ ଲକ୍ଷ୍ୟ କରିଥିଲା:

- ***ବିଜ୍ଞାପନ ପ୍ରକାଶନରେ ବିଳମ୍ବ:*** 2018-19, 2019-20 ଏବଂ 2020-21 ପାଇଁ ବିଜ୍ଞାପନ, ବିଭାଗ ଦ୍ୱାରା ବିଜ୍ଞାପନଗୁଡ଼ିକୁ ଯଥାକ୍ରମେ ଡିସେମ୍ବର 2018, ଅକ୍ଟୋବର 2019 ଏବଂ ଅପ୍ରେଲ 2021 ରେ ପ୍ରକାଶିତ ହୋଇଥିବା ବେଳେ, 2017-18 ଶିକ୍ଷା ବର୍ଷ ପାଇଁ କୌଣସି ବିଜ୍ଞାପନ ପ୍ରକାଶିତ ହୋଇନଥିଲା । ଏହିପରି ଆବେଦନ ଆହ୍ୱାନ ପାଇଁ ବିଜ୍ଞାପନ ପ୍ରକାଶନରେ ଶିକ୍ଷା ବର୍ଷ (ଜୁଲାଇ) ଆରମ୍ଭରୁ ନିଆ ଯାଇଥିବା ସମୟ 122 ରୁ 274 ଦିନ ପର୍ଯ୍ୟନ୍ତ ଥିଲା । ଏହି ବିଳମ୍ବ, ଆବେଦନଗୁଡ଼ିକର ପ୍ରକ୍ରିୟାକରଣ ଏବଂ ମଞ୍ଜୁରୀର ପରବର୍ତ୍ତୀ ପଦକ୍ଷେପ ଗୁଡ଼ିକର ସମଗ୍ର ଶୃଙ୍ଖଳା ଉପରେ ଏକ ବିସ୍ତାରିତ ପ୍ରଭାବ ପକାଇଥିଲା ଯାହାକି ଜଣେ ଛାତ୍ରୀଛାତ୍ର ମେଧାବୃତ୍ତି ପାଇଁ ଆବେଦନ କରିବା ଏବଂ ବାସ୍ତବରେ ଏହାକୁ ପ୍ରାପ୍ତ କରିବା ମଧ୍ୟରେ ଯଥେଷ୍ଟ ବିଳମ୍ବ ଘଟିଥିଲା ।

ମେଧାବୃତ୍ତି ଯୋଜନାର ବିଭିନ୍ନ ସ୍ତରରେ ଘଟୁଥିବା ବିଳମ୍ବ ନିମ୍ନରେ ଦିଆଯାଇଥିବା ଚିତ୍ରରେ ପ୍ରଦର୍ଶିତ ହୋଇଛି ।

***ଚିତ୍ର 4.4: ମେଧାବୃତ୍ତି ଆବେଦନ ଗୁଡ଼ିକର ପ୍ରକ୍ରିୟାକରଣ ପାଇଁ ବିଭିନ୍ନ ପର୍ଯ୍ୟାୟରେ ନିଆଯାଇଥିବା ସମୟ***




- ***ଓସିଏସି ଦ୍ୱାରା ବିଳମ୍ବ:*** ବୃତ୍ତି ପାଇଁ ଆବେଦନ କରିବା ପାଇଁ ଏବଂ ଅନୁଷ୍ଠାନମାନଙ୍କ ପାଇଁ ବୈଧତା ନିର୍ଦ୍ଧାରଣ ପ୍ରକ୍ରିୟା ସମାପ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ଥିଲା । ଅନୁଷ୍ଠାନ ସ୍ତରରେ ବୈଧତା ନିର୍ଦ୍ଧାରଣ ପରେ ଆବେଦନଗୁଡ଼ିକୁ ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓସିଏସି)[39] କୁ ପଠାଯାଇଥିଲା, ଯାହାର ଭୂମିକା ଥିଲା ନିର୍ଦ୍ଦେଶାବଳୀ ଅନୁଯାୟୀ ଉପଯୁକ୍ତ ଯାଞ୍ଚ ପରେ 'ନୂଆ' ତଥା 'ନବୀକରଣ' ବର୍ଗ ଅଧୀନରେ ଆବେଦନକାରୀଙ୍କର ତାଲିକା ଦାଖଲ କରିବା । ଯଦିଓ ମେଧାବୃତ୍ତି ନିର୍ଦ୍ଦେଶାବଳୀ ତଥ୍ୟ ଦାଖଲ ପାଇଁ ଓସିଏସିକୁ ସାତ ଦିନ ସମୟ ଦେଇଥିଲା, ତଥାପି, ଓସିଏସି ବୈଧ ତଥ୍ୟକୁ ଉଚ୍ଚଶିକ୍ଷା ବିଭାଗକୁ ପଠାଇବାରେ 11 ରୁ 387 ଦିନ ସମୟ ନେଇଥିଲା । ଏହା ଶେଷରେ ବୃତ୍ତି ମଞ୍ଜୁରୀ ପ୍ରକ୍ରିୟାକୁ ବିଳମ୍ବ କରିଥିଲା । ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଓସିଏସି କେବଳ ଇ-ମେଧାବୃତ୍ତି ପୋର୍ଟାଲରୁ ଅଧକ୍ଷମାନଙ୍କ ଦ୍ୱାରା ବୈଧ କରାଯାଇଥିବା ତଥ୍ୟକୁ ଡାଉନ୍‌ଲୋଡ୍ କରିଥିଲା ଏବଂ ସେଗୁଡ଼ିକୁ ନୂଆ ଏବଂ ନବୀକରଣ ବର୍ଗରେ ବର୍ଗୀକୃତ କରିଥିଲା । ଚୂଡ଼ାନ୍ତ ଚୟନ ପାଇଁ ଡାଟା, ଏକ୍ସେଲ ଫାଇଲରେ ସଜା ଯାଇଥିଲା ଏବଂ ମେଲ୍, ସିଡି ଇତ୍ୟାଦି ମାଧ୍ୟମରେ ଉଚ୍ଚଶିକ୍ଷା ବିଭାଗକୁ ପଠାଯାଇଥିଲା । ଓଡ଼ିଶା ସରକାରର ଆଇଟି ନିର୍ଦ୍ଦେଶାଳୟ ହୋଇଥିବା ସତ୍ତ୍ୱେ, ଓସିଏସି, ଏକାଧିକ ଆବେଦନ ଜନିତ ମାମଲା ସହିତ ଅଯୋଗ୍ୟ ଆବେଦନକାରୀ ଧାର୍ଯ୍ୟ ତାରିଖ ପରେ ଦାଖଲ ହୋଇଥିବା ମାମଲା ଇତ୍ୟାଦିକୁ ଅଲଗା କରିବା ପାଇଁ ଆବେଦନ ଗୁଡ଼ିକୁ ବିଶ୍ଳେଷଣ କରି ନଥିଲା । ଇ-ମେଧାବୃତ୍ତି ଡାଟାବେସ୍‌ର ସମୀକ୍ଷା ବିଶ୍ଳେଷଣରୁ ଜଣା ପଡ଼ିଥିଲା ଯେ ଏହା ସମାନ ଆବେଦନକାରୀଙ୍କ ଠାରୁ ଏକାଧିକ ଆବେଦନ ଗ୍ରହଣ କରିଥିଲା ଏବଂ ପାଠ୍ୟକ୍ରମ ଅବଧି ପରବର୍ତ୍ତୀ ସମୟ ପାଇଁ ମଧ ବୃତ୍ତି ପ୍ରଦାନ କରିଥିଲା ଯାହାକି ***ଅନୁଚ୍ଛେଦ 5.1.2*** ଏବଂ ***5.2.3*** ରେ ଆଲୋଚିତ ହୋଇଛି ।
- ***ମେଧାବୃତ୍ତି ଦେୟ ପ୍ରଦାନରେ ବିଳମ୍ବ*** : ଆଇଏଫ୍‌ଏମ୍‌ଏସ୍ ରେ ଅନୁସରଣ କରାଯାଉଥିବା ପ୍ରକ୍ରିୟା ଅନୁଯାୟୀ, ଡିଡିଓ, ଆଇଏଫ୍‌ଏମ୍‌ଏସ୍ ରେ ବିଲ୍ ଦାଖଲ କରିବା ସଙ୍ଗେ ସଙ୍ଗେ, ତାରିଖ ସହିତ ଏକ ଟୋକନ୍ ନମ୍ବର ସ୍ୱୟଂଚାଳିତ ଭାବେ ସୃଷ୍ଟି ହୁଏ, ଯାହା ସୂଚାଇଥାଏ ଯେ ପ୍ରକ୍ରିୟା ମଧ୍ୟରେ ଦେୟ ପ୍ରଦାନ ଫାଇଲ୍ ପ୍ରାପ୍ତ ହୋଇଛି । ସମୀକ୍ଷା, ଉଚ୍ଚଶିକ୍ଷା ବିଭାଗରେ 2017-18 ରୁ 2019-20 ଅବଧି ମଧ୍ୟରେ 59,436 ଛାତ୍ରୀଛାତ୍ରଙ୍କର 53 ଟି ବୃତ୍ତି ବିଲ୍ ଯାଞ୍ଚ କରି ଦେଖିଥିଲା ଯେ ଆଇଏଫ୍‌ଏମ୍‌ଏସ୍ ରେ ବିଲ୍ ଦାଖଲ କରିବା ପରେ ମଧ ଟ୍ରେଜେରୀ ଗୁଡ଼ିକ ସମସ୍ତ 53 ଟି ବିଲ୍ କ୍ଷେତ୍ରରେ ଟୋକନ୍ ସୃଷ୍ଟି ପାଇଁ 3 ରୁ 45 ଦିନ ସମୟ ନେଇଥିଲେ (ଆଇଏଫ୍‌ଏମ୍‌ଏସ୍ ବିଲ୍ ଗ୍ରହଣ କରିବାର ତାରିଖ) । ଏହିପରି, ସମସ୍ତ ନମୁନା ଯାଞ୍ଚ ମାମଲା ଗୁଡ଼ିକରେ ଟୋକନ୍ ସୃଷ୍ଟି କରିବାରେ ସଂପୃକ୍ତ ଟ୍ରେଜେରୀ ବିଳମ୍ବ କରିଥିଲା ।

ଉଚ୍ଚଶିକ୍ଷା ବିଭାଗ ବ୍ୟକ୍ତ କରିଥିଲେ (ସେପ୍ଟେମ୍ବର 2022) ଯେ, ପ୍ରବେଶ ପ୍ରକ୍ରିୟାରେ ବିଳମ୍ବ ହେତୁ ଏବଂ 2020-21 ରେ କୋଭିଡ୍ ସଂକ୍ରମଣ ହେତୁ ବିଜ୍ଞାପନରେ ବିଳମ୍ବ ହୋଇଥିଲା । ଅଧିକନ୍ତୁ, ଓଏସ୍‌ଏସ୍‌ପିର ପ୍ରବର୍ତ୍ତନ ପରେ ଓସିଏସିର ସଂପୃକ୍ତିର ଆବଶ୍ୟକତା ମଧ ନଥିଲା ।

[39] ଓସିଏସି ମାର୍ଚ୍ଚ 1985 ରେ ସ୍ଥାପିତ ହୋଇଥିବା ଓଡ଼ିଶା ସରକାରର ଆଇଟି ବିଭାଗର, ବୈଷୟିକ ନିର୍ଦ୍ଦେଶାଳୟ ଯାହା, ସରକାରଙ୍କ ଆଇଟି ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛି

**ସୁପାରିଶ 4.5:**

***ମେଧାବୃତ୍ତି ପାଇଁ ଆବେଦନ କରିବାକୁ ଠିକ୍ ସମୟରେ ବିଜ୍ଞାପନ ପ୍ରକାଶନକୁ ଉଚ୍ଚଶିକ୍ଷା ବିଭାଗ ସୁନିଶ୍ଚିତ କରିବା ଉଚିତ୍ ଏବଂ ବିନା ବିଳମ୍ବରେ ଯଥାକ୍ରମେ ଆବେଦନ ପ୍ରକ୍ରିୟାକରଣ ଓ ଦେୟ ପ୍ରଦାନ ପାଇଁ ଆବଦନଗୁଡ଼ିକର ପ୍ରକ୍ରିୟାକରଣ ଓ ଯୋଜନ ପ୍ରସ୍ତୁତି ପାଇଁ ଆଦେଶ ଦିଆଯିବା ଆବଶ୍ୟକ ।***

### 4.6.2 ଅଧକ୍ଷ ମାନଙ୍କ ଦ୍ୱାରା ମେଧାବୃତ୍ତି ଆବେଦନ ଗୁଡ଼ିକୁ ବୈଧ ନକରିବା

ପ୍ରଥମ ବର୍ଷ ପାଠ୍ୟକ୍ରମ ସହିତ ଜଡ଼ିତ ମେଧାବୃତ୍ତି ପାଇଁ ଆବେଦନଗୁଡ଼ିକୁ 'ନୂତନ' କୁହାଯାଉଥିଲା ବେଳେ ଦ୍ୱିତୀୟ ଏବଂ ପରବର୍ତ୍ତୀ ବର୍ଷଗୁଡ଼ିକର ପାଠ୍ୟକ୍ରମ ସହିତ ଜଡ଼ିତ ହୋଇଥିଲେ ସେଗୁଡ଼ିକୁ 'ନବୀକରଣ' ବୋଲି କୁହାଯାଏ । ଅନୁଷ୍ଠାନଗୁଡ଼ିକର ଅଧକ୍ଷମାନେ ଆବେଦନ ଗୁଡ଼ିକୁ ବୈଧ କରନ୍ତି ଯଥା ସେମାନଙ୍କର ଯୋଗ୍ୟତା ଆକଳନ କରିବାକୁ ଛାତ୍ରୀଛାତ୍ରମାନଙ୍କର ଦସ୍ତାବିଜ ଯାଞ୍ଚ କରନ୍ତି ଏବଂ ସେଗୁଡ଼ିକୁ ପରେ ଆବଶ୍ୟକ ମଞ୍ଜୁର ଏବଂ ଦେୟ ପାଇଁ ଉଚ୍ଚଶିକ୍ଷା ବିଭାଗକୁ ପଠାନ୍ତି ।

ମେଧାବୃତ୍ତି କ୍ଷେତ୍ରରେ ବିଭିନ୍ନ ବର୍ଗ ଅଧିନରେ ଯଥା ଜୁନିୟର ମେରିଟ୍, ସିନିୟର ମେରିଟ୍ ଏବଂ ପିଜି ମେରିଟ୍ ରେ ବିଭାଗ ଦ୍ୱାରା 2017-20 ମଧରେ ଧାର୍ଯ୍ୟ ଲକ୍ଷ୍ୟ ବିପକ୍ଷରେ ଦାଖଲ ହୋଇଥିବା 'ନୂଆ' ଆବେଦନ ସଂଖ୍ୟା ନିମ୍ନରେ ଦିଆଯାଇଥିବା ଭଳି ଥିଲା:

***ସାରଣୀ 4.14: ବର୍ଗ ଅନୁସାରେ ମେଧାବୃତ୍ତିର ଲକ୍ଷ୍ୟ, ଆବେଦନ ଏବଂ ମଞ୍ଜୁରୀ***

| ବର୍ଗ | 2017-18 | | | 2018-19 | | | 2019-20 | | |
|---|---|---|---|---|---|---|---|---|---|
| | ଲକ୍ଷ୍ୟ | ଆବେଦନ | ଅନୁମୋଦନ | ଲକ୍ଷ୍ୟ | ଆବେଦନ | ଅନୁମୋଦନ | ଲକ୍ଷ୍ୟ | ଆବେଦନ | ଅନୁମୋଦନ |
| ଜୁନିୟର ମେରିଟ୍ | 10,000 | 51,626 | 3,065 | 10,000 | 1,30,355 | 9,987 | ବନ୍ଦ | | |
| ସିନିୟର ମେରିଟ୍ | 3,000 | 10,292 | 2,877 | 3,000 | 44,731 | 2,998 | 3,000 | 42,714 | 3,000 |
| ପିଜି ମେରିଟ୍ | 1,500 | 2,553 | 64 | 1,500 | 3,756 | 1,500 | 1,500 | 3,150 | 1,500 |
| ଟି ଆଣ୍ଡ ପି ମେରିଟ୍ | 10,000 | 5,251 | 141 | 10,000 | 3,605 | 2,018 | 10,000 | 2,462 | 1,783 |
| ମୋଟ | **24,500** | **69,722** | **6,147** | **24,500** | **1,82,447** | **16,503** | **14,500** | **48,326** | **6,283** |

***(ଉତ୍ସ: ମାର୍ଗଦର୍ଶିକା ଏବଂ ଏଚ୍ଇଡି ଏବଂ ଓସିଏସି ଦ୍ୱାରା ଦିଆଯାଇଥିବା ତଥ୍ୟ)***

ଜୁନିୟର ମେରିଟ୍, ସିନିୟର ମେରିଟ୍ ଏବଂ ପିଜି ମେରିଟ୍ କ୍ଷେତ୍ରରେ 2017-20 ମଧରେ ଆବେଦନ ସଂଖ୍ୟା ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟର 210 ରୁ 1086 ପ୍ରତିଶତ ଥିଲା ବେଳେ ଟି ଆଣ୍ଡ ପି ମେରିଟ୍ କ୍ଷେତ୍ରର ଏହା ମାତ୍ର 38 ପ୍ରତିଶତ ଥିଲା ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ ଆବେଦନ ଗୁଡ଼ିକର ବୈଧତା ପାଇଁ ତାରିଖ ସୀମା ସ୍ଥିର ହୋଇଥିବା ସତ୍ତ୍ୱେ, ସର୍ବନିମ୍ନ ନିର୍ଦ୍ଦିଷ୍ଟ ନମ୍ବର ରଖିଥିବା 85,814 'ନୂତନ' ଆବେଦନକାରୀ ଛାତ୍ରୀଛାତ୍ରମାନଙ୍କର ଆବେଦନ ସଂପୃକ୍ତ ଅଧକ୍ଷ ମାନଙ୍କ ଦ୍ୱାରା ବୈଧ କରାଯାଇନଥିଲା ***(ପରିଶିଷ୍ଟ 4.2)***, ଉଚ୍ଚଶିକ୍ଷା ବିଭାଗ, ବୈଧତା ପ୍ରସଙ୍ଗ ଉପରେ ପର୍ଯ୍ୟାଲୋଚନା କରିନଥିଲା କିମ୍ବା ଖିଲାପକାରୀ ଅଧକ୍ଷ ମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିଲା । ଏହିପରି, ସଠିକ୍ ଚିହ୍ନଟ ଏବଂ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ମାଧମରେ ଲାଭ ବିତରଣ ଭଳି ଡିବିଟି ଅଧିନରେ ଧାର୍ଯ୍ୟ ହୋଇଥିବା ମୂଳ ଉଦ୍ଦେଶ୍ୟ ଅନେକାଂଶରେ ପ୍ରତିହତ ହୋଇଥିଲା । ସେହିଭଳି ବୃତ୍ତି ନବୀକରଣ କ୍ଷେତ୍ରରେ 63,517 ଆବେଦନ ମଧରୁ 13,975 ଆବେଦନ ସଂପୃକ୍ତ ଅନୁଷ୍ଠାନମାନଙ୍କର ଅଧକ୍ଷମାନଙ୍କ ଦ୍ୱାରା ବୈଧ କରାଯାଇନଥିଲା । ଉଭୟ ନୂଆ ଏବଂ ନବୀକରଣ ବର୍ଗ ଅଧିନରେ 2017-18 ରୁ 2019-20 ମଧରେ ବୈଧ ହୋଇନଥିବା ଆବେଦନ ଗୁଡ଼ିକର ବର୍ଗ ଅନୁସାରେ ସଂଖ୍ୟା ନିମ୍ନ ସାରଣୀରେ ଦିଆଯାଇଛି ।

***ସାରଣୀ 4.15: ବୈଧ ହୋଇନଥିବା ମେଧାବୃତ୍ତି ଆବେଦନ ଗୁଡ଼ିକର ସଂଖ୍ୟା***

| ବର୍ଗ | ଆବେଦନଗୁଡ଼ିକର ସଂଖ୍ୟା | | ମୋଟ |
|---|---|---|---|
| | ନୂତନ | ନବୀକରଣ | |
| 2017-18 | 6,897 | 0 | 6,897 |
| 2018-19 | 47,147 | 6,190 | 53,337 |
| 2019-20 | 31,770 | 7,785 | 39,555 |
| ମୋଟ | **85,814** | **13,975** | **99,789** |

***(ଉତ୍ସ: ଉଚ୍ଚ ଶିକ୍ଷା ବିଭାଗର ନଥିପତ୍ର ଏବଂ ତଥ୍ୟ)***

ବୈଧିକରଣ ଅଭାବରୁ ସେମାନଙ୍କର ଆବେଦନଗୁଡ଼ିକ ଅନୁମୋଦନ ଏବଂ ମେଧାବୃତ୍ତି ପ୍ରଦାନ ପାଇଁ ବିଚାରକୁ ନିଆଯାଇ ନଥିଲା, ଯଦିଓ ସେମାନେ 7.17 କୋଟି ଟଙ୍କା(***ପରିଶିଷ୍ଟ 4.3***)ର ଏହିଭଳି ସୁବିଧା ପାଇବା ପାଇଁ ଯୋଗ୍ୟ ଥିଲେ ।

ସମୀକ୍ଷା ଲକ୍ଷ୍ୟ କରିଥିଲା ଯେ, ଉଚ୍ଚଶିକ୍ଷା ବିଭାଗ ଠିକ୍ ସମୟରେ ଆବେଦନ ଗୁଡ଼ିକର ଫଏସଲା କରିବା ପାଇଁ ତାରିଖ ସୀମା ସ୍ଥିର କରିଥିବା ସତ୍ତ୍ୱେ, ଆବେଦନ ଗୁଡ଼ିକର ବୈଧତାର ଅଗ୍ରଗତି ଉପରେ ନଜର ରଖିନଥିଲା କିମ୍ବା ଖିଲାପକାରୀ ଅଧକ୍ଷ ମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନଥିଲା । ଏଥିସହ ଅନୁଷ୍ଠାନ ସ୍ତରରେ ଗ୍ରହଣ କରାଯାଇଥିବା, ବୈଧ ଏବଂ ବିଚାରାଧୀନ ଆବେଦନ ଗୁଡ଼ିକର ବିବରଣୀ ଦେଖିବା ପାଇଁ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଉପଯୁକ୍ତ ପର୍ଯ୍ୟାଲୋଚନା କରିବା ପାଇଁ ମେଧାବୃତ୍ତି ସଫ୍ଟୱେୟାରରେ କୌଣସି ଡ୍ୟାସ୍‌ବୋର୍ଡ ନଥିଲା ।

ଏହିପରି, ଉଚ୍ଚଶିକ୍ଷା ବିଭାଗ, ଡିବିଟିର ଉଦ୍ଦେଶ୍ୟ ଅନୁଯାୟୀ ଧାର୍ଯ୍ୟ ବିଳମ୍ବ ହ୍ରାସ କରିବା ଏବଂ ମଧ୍ୟସ୍ଥି ସ୍ତର ହ୍ରାସ କରିବା ପାଇଁ, ମେଧାବୃତ୍ତି ଚକ୍ରର ପ୍ରକ୍ରିୟା ପୁନର୍ଗଠନ ସହିତ ଜଡ଼ିତ ପ୍ରକ୍ରିୟା ଗୁଡ଼ିକୁ ଶୃଙ୍ଖଳିତ କରିବାରେ ବିଫଳ ହୋଇଥିଲା ।

ସମୀକ୍ଷା ପର୍ଯ୍ୟବେକ୍ଷଣକୁ ଗ୍ରହଣ କରି ଉଚ୍ଚଶିକ୍ଷା ବିଭାଗ କହିଥିଲେ (ସେପ୍ଟେମ୍ବର 2022) ଯେ ଏହି ସମସ୍ୟାର ସମାଧାନ ପାଇଁ ବିଭାଗ, ଅନୁଷ୍ଠାନ ସ୍ତରରେ ଏକ ବୃତ୍ତି କମିଟି ଗଠନ କରିବାକୁ ନିଷ୍ପତ୍ତି ନେଇଛି ।

***ସୁପାରିଶ 4.6:***

***କୌଣସି ଯୋଗ୍ୟ ଆବେଦନକାରୀ ବୃତ୍ତି ସୁବିଧାରୁ ବଞ୍ଚିତ ନହେବା ବିଷୟକୁ ସୁନିଶ୍ଚିତ କରିବାକୁ ଅଧକ୍ଷମାନଙ୍କ ଦ୍ୱାରା ଠିକ୍ ସମୟରେ ଆବଦନଗୁଡ଼ିକର ପ୍ରକ୍ରିୟାକରଣ ହୋଇଥିବା ବିଷୟକୁ ସୁନିଶ୍ଚିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ସଠିକ ପଦକ୍ଷେପ ଗ୍ରହଣ କରିବା ଉଚିତ୍ । ଆବେଦନଗୁଡ଼ିକର ବିଳମ୍ବିତ କିମ୍ବା ପ୍ରକ୍ରିୟାକରଣ ନହେବା ପାଇଁ ସଂପୃକ୍ତ ଅଧକ୍ଷମାନେ ଉତ୍ତରଦାୟୀ ରହିବା ଉଚିତ୍ ।***